


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
ସମ୍ବାଦ କଳିକା TM
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ-୩୨ ● ସଂଖ୍ୟା-୩୪ ● ୧ ମାର୍ଚ୍ଚ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-34 ● 1st March 2025, Saturday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ୯ମ ଜାତୀୟ ସ୍ୱାସ୍ଥ୍ୟ ସମ୍ମିଳନୀ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ଦ୍ୱାରା ଉଦ୍‌ଘାଟିତ

# ରାଜ୍ୟରେ ଖାଲିପଡିଥିବା ୫ହଜାର ଡାକ୍ତରୀ ପଦବୀ ଖୁବ୍‌ଶୀଘ୍ର ପୂରଣ କରାଯିବ : ମୁଖ୍ୟମନ୍ତ୍ରୀ




**ପୁରୀ/ ଭୁବନେଶ୍ୱର, ୨୮/୨**
**ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଶୁକ୍ରବାର ପୁରୀଠାରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଉତ୍ତମ ଏବଂ ଅନୁକରଣଯୋଗ୍ୟ ଅଭ୍ୟାସ ଏବଂ ନବୋନ୍ମେଷ ଉପରେ ଆୟୋଜିତ ନବମ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ସୁସ୍ଥ ଭାରତର ସ୍ୱପ୍ନରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ସେ କହିଥିଲେ ଯେ ''ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା'' ଲକ୍ଷ୍ୟକୁ ସାକାର କରିବା ଲାଗି ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଧିକ କାମ କରିବ ଏବଂ ମିଳିତ (ପୃଷ୍ଠା ୭ରେ)

# ମାର୍ଚ୍ଚ ୮ରେ ମିଳିବ ସୁଭଦ୍ରା ଟଙ୍କାର ଦ୍ୱିତୀୟ କିସ୍ତି

**ଭୁବନେଶ୍ୱର ୨୮/୦୨**
**ନ୍ୟୁଜ ବ୍ୟୁରୋ**




ଆସନ୍ତା ୮ରେ ମିଳିବ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି । ଏନେଇ ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ସୁଭଦ୍ରା ଟଙ୍କାର ଦ୍ୱିତୀୟ କିସ୍ତି ଏଥର ବ୍ରହ୍ମପୁରରୁ ଦିଆଯିବ ବୋଲି କହିଛନ୍ତି ଶ୍ରୀମତୀ ପରିଡ଼ା। ସେ କହିଛନ୍ତି ଯେ, ସୁଭଦ୍ରା ଏକ କୋଟି ମହିଳାଙ୍କ ପାଖରେ ପହଞ୍ଚିବ ବୋଲି ଆମେ କହିଥିଲୁ । ମାର୍ଚ୍ଚ ୮ ତାରିଖରେ ଏକା ଥରକେ କୋଟିଏ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରାଯିବ। ବ୍ରହ୍ମପୁର ଠାରେ କୋଟିଏ ମହିଳାଙ୍କୁ ସୁଭଦ୍ରାର ଦିତ୍ୱୀୟ କିସ୍ତି ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ସୁଭଦ୍ରା ଯୋଜନାରେ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ଖାତାକୁ ଆସିସାରିଛି । ଚତୁର୍ଥ ପର୍ଯ୍ୟାୟରେ ୧୮ ଲକ୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କୁ ୫ ହଜାର ଟଙ୍କା ଦେଇଛନ୍ତି ସରକାର । ବର୍ତ୍ତମାନ ସୁଦ୍ଧା ୯୮ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ଦିଆଯାଇ ସାରିଛି।

# ବଦ୍ରିନାଥରେ ହିମ ସ୍ଖଳନ: ୩୨ ଜଣ ଉଦ୍ଧାର, ଫସିଛନ୍ତି ଆହୁରି ୨୫ ଶ୍ରମିକ



**ନୂଆଦିଲ୍ଲୀ, ୨୮/୨**

ଉତ୍ତରାଖଣ୍ଡ ଚାମୋଲି ଜିଲ୍ଲା ବଦ୍ରିନାଥରେ ହୋଇଥିବା ହିମସ୍ଖଳନ ଘଟଣାରେ ଫସି ରହିଥିବା ୫୭ ଜଣଙ୍କ ମଧ୍ୟରୁ ୩୨ ଜଣଙ୍କୁ ଉଦ୍ଧାର କରାଯାଇଛି। ଏବେ ବି ୨୫ ଜଣ ଶ୍ରମିକ ଫସି ରହିଥିବା ସୂଚନା ମିଳିଛି। ସମସ୍ତଙ୍କ ଜୀବନ ବଞ୍ଚାଇବା ପାଇଁ ସେଠାରେ ତ୍ୱରିତ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଶୁକ୍ରବାର ବଦ୍ରିନାଥର ଉଚ୍ଚା ସ୍ଥାନରେ ଥିବା ଗାଁ ମାନା ନିକଟସ୍ଥ ବର୍ଡର ରୋଡ୍ସ ଅର୍ଗାନେଇଜେସନ ଶିବିର ନିକଟରେ ହଠାତ୍ ଏକ ବିଶାଳ ବରଫ ଅତଡା ଖସିଥିଲା। ଏଥିରେ ତିବ୍ବତ-ଭାରତ ସୀମାରେ ବରଫ ହଟାଇବା କାମରେ ନିୟୋଜିତ ଥିବା ସମସ୍ତ ଶ୍ରମିକ ବରଫ ଅତଡ଼ା ତଳେ ଚାପି ହୋଇ ରହିଯାଇଥିଲେ। ସେମାନଙ୍କ ମଧ୍ୟରୁ ୩୨ ଜଣଙ୍କୁ ଉଦ୍ଧାର କରାଯାଇ ଗାଁ ନିକଟସ୍ଥ ସେନା ଶିବିରକୁ ନିଆଯାଇଛି। ଉଦ୍ଧାର ହୋଇଥିବା ଲୋକମାନଙ୍କ ମଧ୍ୟରୁ କିଛି ଜଣଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଶୁକ୍ରବାର ସକାଳେ ମାନା ଏବଂ ମାନା ପାସ୍ ମଧ୍ୟରେ ହିମସ୍ଖଳନ ହୋଇଥିଲା। ଭାରତୀୟ ସେନା ପାଇଁ ଯୋଗାଯୋଗରେ ବାଧା ସୃଷ୍ଟି ନ ହେବାକୁ ଭାରତ-ତିବ୍ବତ ସୀମା (ପୃଷ୍ଠା ୭ରେ)

## ଆଇପିଏସ ସ୍ତରରେ ଅଦଳ ବଦଳ

# ଜଗମୋହନ ମୀନା ଭୁବନେଶ୍ୱର ଡିସିପି

**ଭୁବନେଶ୍ୱର, ୨୮/୨**
**ନ୍ୟୁଜ ବ୍ୟୁରୋ**

ଶୁକ୍ରବାର ରାଜ୍ୟ ସରକାର ଆଇପିଏସ ସ୍ତରରେ ଏକ ବଡ ଧରଣର ଅଦଳ ବଦଳ କରିଛନ୍ତି। ଟ୍ୱିନ ସିଟି (କଟକ ଓ ଭୁବନେଶ୍ୱର)ର ଡିସିପିଙ୍କୁ ବଦଳି କରାଯାଇଛି। ଜଗମୋହନ ମୀନାଙ୍କୁ ଭୁବନେଶ୍ୱର ଡିସିପି ଭାବେ ନିଯୁକ୍ତି ମିଳିଥିବା ବେଳେ ଖିଲାରୀ ରିଷିକେଶ କଟକର ଡିସିପି ଭାବେ ନିଯୁକ୍ତି ପାଇଛନ୍ତି। ଭୁବନେଶ୍ୱରର ଡିସିପି ରହିଥିବା ପିନାକ ମିଶ୍ରଙ୍କୁ ଏସଟିଏଫ ଡିଜି ଭାବେ ନିଯୁକ୍ତି ମିଳିଛି। ଏହା ବ୍ୟତୀତ ରାଜ୍ୟ ମାନବାଧିକାର କମିଶନର ସ୍ୱତନ୍ତ୍ର ଡିଜି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଏସ୍.ଏମ୍. ନରୱାଣେ। ଅତିରିକ୍ତ ପୋଲିସ କମିଶନର ଭାବେ ନରସିଂହ ଭୋଳଙ୍କୁ ଦାୟିତ୍ୱ ଦିଆଯାଇଛି। ନରସିଂହ ପୂର୍ବରୁ ଅବକାରୀ କମିଶନର ଥିଲେ। ଜୟନାରାୟଣ ପଙ୍କଜଙ୍କୁ ଗୁଇନ୍ଦା ବିଭାଗର ଆଇଜିପି ଭାବରେ ନିଯୁକ୍ତି ଦିଆଯାଇଛି। ଆଇଜିପି ଅପରେସନ ରହିଛନ୍ତି ଦୀପକ କୁମାର। ସାର୍ଥକ ଷଡଙ୍ଗୀଙ୍କୁ ସିଆଇଡି ସିବିର ଆଇଜିପି ଭାବେ ବଦଳି କରାଯାଇଛି।

# ବିଂଝାରପୁର ବିଧାନସଭା ନିର୍ବାଚନୀ ମାମଲା ଖାରଜ

**କଟକ ୨୮।୦୨**
**ନ୍ୟୁଜ ବ୍ୟୁରୋ**

ବିଂଝାରପୁର ବିଧାନସଭା ନିର୍ବାଚନୀ ମାମଲାରେ ବିଧାୟିକା ପ୍ରମିଳା ମଲ୍ଲିକଙ୍କର ବଡ଼ ବିଜୟ। ପ୍ରମିଳାଙ୍କ ବିରୁଦ୍ଧରେ ଦାୟର ହୋଇଥିବା ନିର୍ବାଚନୀ ମାମଲା ଖାରଜ ହୋଇଛି । ପ୍ରତିପକ୍ଷ ବବିତା ମଲ୍ଲିକଙ୍କ ଆବେଦନକୁ ଖାରଜ କଲେ ହାଇକୋର୍ଟ । ଲୋକ ପ୍ରତିନିଧି ଆଇନ ମୁତାବକ ଦାୟର ହୋଇନଥିଲା ମାମଲା । ପ୍ରମିଳାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ ଆଇନଜୀବୀ ତରଣୀ କାନ୍ତ ବିଶ୍ୱାଳ ।

# ଦିଲ୍ଲୀର ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ସୁଦୃଢ଼ କରାଯିବ : ଅମିତ ଶାହା

**ନୂଆଦିଲ୍ଲୀ, ୨୮।୨**



ଶୁକ୍ରବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଦିଲ୍ଲୀର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ରାଜ୍ୟ ଗୃହମନ୍ତ୍ରୀ ଆଶିଷ ସୁଦ, ଦିଲ୍ଲୀ ପୋଲିସ କମିଶନର ସଞ୍ଜୟ ଆରୋରା ଏବଂ ସ୍ୱରାଷ୍ଟ୍ରମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ। ଦିଲ୍ଲୀ ପୋଲିସ ଏବଂ ନୂଆ ସରକାରଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ଏବଂ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉପରେ ଏହି ବୈଠକର ଗୁରୁତ୍ୱାରୋପ କରାଯାଇଥିଲା । ଏହି ବୈଠକ ସମୟରେ, ଜାତୀୟ ରାଜଧାନୀରେ ବଢୁଥିବା ଅପରାଧ ଏବଂ ସୁରକ୍ଷା ବିପଦ ବିଷୟରେ (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପଞ୍ଚଭୂତରେ ଲୀନ ହେଲେ ଉତ୍ତମ ମହାନ୍ତି



**ଭୁବନେଶ୍ୱର, ୨୮/୨**
**ନ୍ୟୁଜ ବ୍ୟୁରୋ**

ପଞ୍ଚଭୂତରେ ଲୀନ ହେଲେ ଅଭିନେତା ଉତ୍ତମ ମହାନ୍ତି । ଭୁବନେଶ୍ୱର ସ୍ଥିତ ସତ୍ୟନଗର ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ପୁଅ ବାବୁଶାନ ମହାନ୍ତି ମୁଖାଗ୍ନି ଦେଇଛନ୍ତି। ଏହି ଅବସରରେ 'ଉତ୍ତମ ମହାନ୍ତି ଅମର ରହେ' ଧ୍ୱନୀରେ କମ୍ପିଥିଲା ସତ୍ୟନଗର ଶ୍ମଶାନ। ସତ୍ୟନଗରରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା ବିଦାୟ ମୂହୁର୍ତ୍ତ । ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ଉତ୍ତମଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଶ୍ମଶାନରେ ଉତ୍ତମ ପ୍ରେମୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ତାଙ୍କୁ ଭଲ ପାଉଥିବା କଳାକାର-ଦର୍ଶକ -ଶୁଭେଚ୍ଛୁ-ପ୍ରଶଂସକ-ସମସ୍ତଙ୍କ ଆଖିରେ ଥିଲା ଲୁହ । ପାଟିରୁ ବାହାରୁଥିଲା ଗୋଟିଏ କଥା ସେ ଆମ ସମୟର ସୁପରଷ୍ଟାର୍ । ଶ୍ମଶାନ ଏକ ପ୍ରକାର ଲୋକାରଣ୍ୟ ହୋଇଯାଇଥିଲା । କେହି କେହି କହୁଥାନ୍ତି ଆମ କୁନିଆ ଭାଇ ଚାଲିଗଲେ । ଆଉ କିଏ କହୁଥାଏ ଉତ୍ତମ ମହାନ୍ତି ଅମରରହେ । ସମସ୍ତଙ୍କ ଆଖି ଥିଲା ଲୁହରେ ଛଳ ଛଳ । ଓଠରେ ଶବ୍ଦ ନ ଥାଏ କିଛି କହିବାକୁ । ସବୁଦିନ ହସଉଥିବା, କନ୍ଦାଉଥିବା ଲୋକଟି ନୀରବ ହୋଇ ଶୋଇ ରହିଥାଏ । ତାଙ୍କୁ ଦେଖି ସତ୍ୟ ନଗର ଶ୍ମଶାନ ଯେମିତି ଲୁହରେ ଭିଜିଥିଲା। ବାରିପଦାରୁ ଆସିଥିଲେ ସତ ହେଲେ ସାରା ରାଇଜର ସେ ଥିଲେ ସୁପରଷ୍ଟାର୍ । ଶୁକ୍ରବାର ଶେଷ କୃତ୍ୟ ସମ୍ପନ୍ନ ବେଳେ ଏହି ଦୃଶ୍ୟ ବୟାନ କରୁଥିଲା ସତରେ ସେ କେତେ ଉତ୍ତମ ଥିଲେ । ଅଭିନେତା ଉତ୍ତମ ମହାନ୍ତି ୧୯୭୭ରେ ମୁକ୍ତିଲାଭ କରିଥିବା 'ଅଭିମାନ' ଚଳଚ୍ଚିତ୍ରରୁ ନିଜ ଫିଲ୍ମ କ୍ୟାରିଅର ଆରମ୍ଭ କରିଥିଲେ । ତା'ପରେ ଆଉ ସେ ପଛକୁ ଫେରିନାହାନ୍ତି । ଗୋଟିଏ ପରେ ଗୋଟିଏ ହିଟ୍ ସିନେମା ଦେଇ ଓଡ଼ିଆ ସିନେ ପ୍ରେମୀଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲେ । ୨୦୦ରୁ ଅଧିକ ସିନେମାରେ ନାୟକ, ଚରିତ୍ର ଅଭିନେତା, ଭାଇ, ସ୍ୱାମୀ ଓ ଖଳନାୟକ ଭୂମିକାରେ ନଜର ଆସିଛନ୍ତି। ତାଙ୍କର ଦ୍ୱିତୀୟ ଫିଲ୍ମ ଥିଲା ପତିପତ୍ନୀ। ଏହାପରେ ରାମାୟଣ, ତପସ୍ୟା, ରାମ ବଳରାମ, ଆରତୀ, ଶଂଖମହୂରୀ, ସରପଞ୍ଚ ବାବୁ, ଦଣ୍ଡା ବାଳୁଙ୍ଗା ଭଳି ଚଳଚ୍ଚିତ୍ରରେ ଉତ୍ତମ ଦର୍ଶକଙ୍କ ମନ ଜିତିଥିଲେ । ୮୦ ଦଶକରେ ଉତ୍ତମ ପାଲଟି ଯାଇଥିଲେ ଓଲିଉଡ୍‌ର ସବୁଠାରୁ ଲୋକପ୍ରିୟ ତଥା ରୋମାଣ୍ଟିକ୍ ହିରୋ । ଅଭିଳାଷ, ରାମ ରହିମ, ଜାଇଫୁଲ, ଚକା ଭଉଁରୀ, ମମତା ମାଗେ ମୂଲ, ସମୟ ବଡ଼ ବଳବାନ, ପୂଜାଫୁଲ, ଶଙ୍ଖା ସିନ୍ଦୁର, ସହରୀ ବାଘ, ଜୋର ଯାର ମୂଲକ ତାର, ଭକ୍ତ ସାଲବେଗ, ପକା କମ୍ବଳ ପୋତ ଛତା, କପାଳ ଲିଖନ, ସୁନା ଚଢ଼େଇ, ତୁଣ୍ଡ ବାଇଦ, ଚକା ଆଖି ସବୁ ଦେଖୁଛି, ପରଦେଶୀ ଚଢ଼େଇ, ଦଇବ ଦଉଡ଼ି, ପଞ୍ଚୁ ପାଣ୍ଡବ, ଦାଦାଗିରି, ପାଚେରୀ ଉଠିଲା ମଝି ଦୁଆରୁ, ଉଦଣ୍ଡୀ ସୀତା ଆଦି ସିନେମା ଉତ୍ତମଙ୍କୁ ଓଲିଉଡର ରୋମାଣ୍ଟିକ ସୁପରଷ୍ଟାରର ମାନ୍ୟତା ଦେଇଥିଲା । ପରବର୍ତ୍ତୀ ସମୟରେ ସେ ଚରିତ୍ର ଅଭିନେତା ଭାବେ ଦର୍ଶକଙ୍କ ହୃଦୟରେ ରାଜ କରିଥିଲେ। ଏ ଯୁଗର କୃଷ୍ଣ ସୁଦାମା, ରୋମିଓ ଦ ଲଭର ବୟ, ପାଗଳ କରିଛି ପାଉଁଜି ତୋର ଫିଲ୍ମ ତାଙ୍କୁ ସଫଳତାର ଆଉ ଏକ ଶୀର୍ଷ ସୋପାନରେ ପହଞ୍ଚାଇଥିଲା । ତେବେ ୨୦୨୨ରେ ରିଲିଜ୍ ହୋଇଥିବା ବିଦ୍ୟାରାଣ (ପୃଷ୍ଠା ୭ରେ)

## ଏକାଳ ପଖାଳ



ଉତ୍ତମ ବ୍ୟକ୍ତିତ୍ୱ ଉତ୍ତମ ମଣିଷ
ନାମ ବି ସେ ପରି
ଅଫେରା ରାଇଜେ ଚାଲିଗଲେ ପରା
ରାଇଜ ହେଉଛି ଝୁରି
ଅମର ସେ ବି ମରି
ସବୁରି ମନରେ ରହିଥିବେ ନିଶ୍ଚେ
ସବୁ ଦିନେ ଘର କରି ।।

# '୨୦୪୭ ସୁଦ୍ଧା ଉଚ୍ଚ ଆୟକାରୀ ଦେଶ ହେବା ପାଇଁ ଭାରତକୁ ଦରକାର ୭.୮% ହାରରେ ଅଭିବୃଦ୍ଧି'




**ନୂଆଦିଲ୍ଲୀ ୨୮।୨**

ଭାରତକୁ ୨୦୪୭ ମସିହା ସୁଦ୍ଧା ଉଚ୍ଚଆୟକାରୀ ଦେଶରେ ପରିଣତ ହେବା ପାଇଁ ୭.୮ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରିବାକୁ ପଡିବ। ବିଶ୍ୱବ୍ୟାଙ୍କ ପକ୍ଷରୁ ଶୁକ୍ରବାର ଜାରି ରିପୋର୍ଟରେ ଏହି ଆକଳନ କରାଯାଇଛି। ବିଶ୍ୱ ବ୍ୟାଙ୍କ ରିପୋର୍ଟ 'ଗୋଟିଏ ପିଢିରେ ଉଚ୍ଚ ଆୟକାରୀ ଅର୍ଥ ବ୍ୟବସ୍ଥା ହେବା' ଶୀର୍ଷକ ଜ୍ଞାପନରେ ଏହି ଲକ୍ଷ୍ୟ ହାସଲ ନିମନ୍ତେ ଭାରତକୁ ଆର୍ଥିକ କ୍ଷେତ୍ର ସମେତ ଭୂମି ଓ ଶ୍ରମ ବଜାରକୁ ମଧ୍ୟ ସୁଧାରିବାକୁ ପଡିବ ବୋଲି କୁହାଯାଇଛି। ୨୦୦୦ରୁ ୨୦୨୪ମଧ୍ୟରେ ଭାରତର ହାରାହାରି ବୃଦ୍ଧି ହାର ୬.୩ ପ୍ରତିଶତକୁ ମାନ୍ୟତା ଦେଇ ଏହି ରିପୋର୍ଟରେ କୁହାଯାଇଛି ଯେ ଭାରତର ପିଛିଲା ଉପଲବ୍ଧି ଏହାର ଭବିଷ୍ୟତର ମହତ୍ୱାକାଂକ୍ଷୀ ନିମନ୍ତେ ଆଧାର ହୋଇପାରେ। ବିଶ୍ୱବ୍ୟାଙ୍କ ରିପୋର୍ଟ କୁହେ ଯେ 'ଯେହେତୁ ୨୦୪୭ ସୁଦ୍ଧା ଉଚ୍ଚଆୟକାରୀ ଅର୍ଥ ବ୍ୟବସ୍ଥା ହେବାର ମହତ୍ୱାକାଂକ୍ଷୀ ଲକ୍ଷ୍ୟକୁ ପହଞ୍ଚିବା ସ୍ୱାଭାବିକ ସ୍ଥିତିରେ ସମ୍ଭବ ନୁହେଁ। ଏଥି ଲାଗି ଭାରତର ପ୍ରତି ବ୍ୟକ୍ତି ମୋଟ ଜାତୀୟ ଆୟକୁ ବର୍ତ୍ତମାନ ସ୍ତରରୁ ୮ ଗୁଣା ଅଧିକ ବଢେଇବାକୁ ପଡିବ, ବୃଦ୍ଧିକୁ ଆହୁରି ଦ୍ରୁତ (ପୃଷ୍ଠା ୭ରେ)







# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି : ୫୯ ଅଭିଯୋଗ ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଅନନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୫୯ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୪୮ ଗୋଟି ଗ୍ରହଣ କରାଯାଇଥିବା ବେଳେ ୧୧ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଶିବିର ଅବସରରେ ଜିଲ୍ଲାପାଳ ଶ୍ରୀମତୀ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ପ୍ରଦତ୍ତ ବିବାହ ପ୍ରୋତ୍ସାହନ ସହାୟତା ଅର୍ଥରାଶି ପ୍ରତ୍ୟେକ ଦମ୍ପତିଙ୍କୁ ୨ଲକ୍ଷ ୫୦ ହଜାର ଟଙ୍କାର ଡେମୋ ଚେକ୍ ବୀରମହାରାଜପୁର ବ୍ଲକ ସଂଗ୍ରାମ ପୁରର ସୋମନାଥ ପ୍ରଧାନ ଓ ଆନନ୍ଦିନୀ ପ୍ରଧାନ, ଦୁହୁଲପାଲି ନିବାସୀ ବୀରେନ୍ଦ୍ର ପ୍ରଧାନ ଓ ଦୁବ ସାହୁ, ଚମ୍ପାମାଲ ଗ୍ରାମର ଆନନ୍ଦିନୀ ବାଘ ଓ ମନୋଜ କୁମାର ବୁଡ଼େକ ଏବଂ ସୁଜାତା ପଧାନ ଓ ଦିବ୍ୟନ ସାହୁ ପ୍ରଭୃତି ଚାରି ଗୋଟି ଦିବ୍ୟାଙ୍ଗ ଦମ୍ପତିଙ୍କୁ ଡେମୋଚେକ୍ ପ୍ରଦାନ କରିଥିଲେ । ଏହି ପ୍ରୋତ୍ସାହନ ଅର୍ଥରାଶି ହିତାଧିକାରୀଙ୍କ ସମ୍ପୃକ୍ତ ବ୍ୟାଙ୍କ ସଞ୍ଚୟ ଖାତାକୁ ଅନଲାଇନ ପେମେଣ୍ଟ ଜରିଆରେ ପ୍ରଦାନ କରାଯାଇଛି ।

ବିଡିଓ ବୀରମହାରାଜପୁର ରାଜୀବ ହାଁସଦାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅର୍ଶ୍ୱିନୀ ମେହେରଙ୍କ ସମେତ ବ୍ଲକ ଅଧକ୍ଷା ଶାନ୍ତି ଲୁହା, ତହସିଲଦାର ବୀରମହାରାଜପୁର ପୁନମ ମହାପାତ୍ର, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।



# ଆନିମିଆ ମୁକ୍ତ ଭାରତ ଅଭିଯାନରେ ଫକୀରମୋହନ ବିଶ୍ୱବିଦ୍ୟାଳୟ

**ବାଲେଶ୍ୱର, ନ୍ୟୁଜ୍**

ଭାରତକୁ ଏକ ରକ୍ତହୀନତାମୁକ୍ତ ଦେଶରେ ପରିଣତ କରିବା ପାଇଁ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୨୦୧୮ରୁ 'ଆନିମିଆ ମୁକ୍ତ ଭାରତ' ଅଭିଯାନ ଜାରି ରହିଛି । ଏହି ଅଭିଯାନରେ ଯୋଡ଼ିହୋଇଛି ଫକୀର ମୋହନ ବିଶ୍ୱବିଦ୍ୟାଳୟ । କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ବିଶ୍ୱବିଦ୍ୟାଳୟର ନୂଆପାଢ଼ୀ କ୍ୟାମ୍ପସରେ ଦୁଇ ଦିନିଆ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆରମ୍ଭ ହୋଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ସହଯୋଗରେ ଏହି ଶିବିର ଆୟୋଜିତ ହୋଇଛି । ଏହି ଶିବିରକୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ବିଶ୍ୱବିଦ୍ୟାଳୟରକୁ ସମ୍ପୂର୍ଣ୍ଣ ରକ୍ତହୀନତାମୁକ୍ତ କରିବା ଏବଂ ରକ୍ତହୀନତାଜନିତ ଅନ୍ୟାନ୍ୟ ରୋଗ ଚିହ୍ନଟ କରି, ସେଗୁଡ଼ିକର ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବା ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ରହିଛି । ରକ୍ତ ପରୀକ୍ଷା କରାଇବା ଲାଗି ବିଶ୍ୱବିଦ୍ୟାଳୟର ପ୍ରାୟ ୧୦୦୦ରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ କର୍ମଚାରୀଗଣ ନିଜ ନାମ ପଞ୍ଜୀକରଣ କରିଥିବା ଜଣାପଡ଼ିଛି । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ଏବଂ କୁଳସଚିବ କୁକୁମୀନା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାକ୍ତନ ଛାତ୍ର ସଂସଦ ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, ସାଧାରଣ ସମ୍ପାଦକ ଡ଼କ୍ଟର ଦେବଦତ୍ତ ଦାସ, ଉପସଭାପତି ଡକ୍ଟର ମିନତୀ ମିଶ୍ର, ଯୁଗ୍ମ ସମ୍ପାଦକ ଡକ୍ଟର ଜଗନ୍ନାଥ ବେହେରା, କୋଷାଧ୍ୟକ୍ଷ ଦେବଦତ୍ତ ନାୟକଙ୍କ ସମେତ କାର୍ଯ୍ୟନିର୍ବାହୀ ସଦସ୍ୟ ସତଦଳ ଗିରି, ଗାୟତ୍ରୀ ଗୁହାରାୟ, ଡ଼କ୍ଟର ସୁବର୍ଣ୍ଣ କେଶରୀ ସାମଲ ପ୍ରମୁଖ ଏହି କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷଣ କରିଥିଲେ । ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡକ୍ଟର ସୋମା ନନ୍ଦ ଏବଂ ସହକର୍ମଚାରୀମାନେ ଏଥିରେ ସହଯୋଗ କରୁଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ଗତ ବର୍ଷ ବିଶ୍ୱବିଦ୍ୟାଳୟରେ ୧ ହଜାର ୪୭୦ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୨୦୦ ଜଣଙ୍କୁ ରକ୍ତହୀନତାରେ ପୀଡ଼ିତ ଥିବା ଚିହ୍ନଟ କରାଯାଇଥିଲା । ବିଶ୍ୱବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ଚିକିତ୍ସା କରାଯିବା ପରେ ସମସ୍ତେ ରକ୍ତହୀନତାମୁକ୍ତ ଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚୀତ କରାଯାଇଛି ।

# ବନମାଳୀପୁଟ୍ କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳା

**ନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ନନ୍ଦପୁର ଥାନା ଅଧୀନସ୍ଥ ଲାମତପୁଟ ବ୍ଲକ୍‌ର ଦେବଗନ୍ଧନା ସେବାଶ୍ରମ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ଆୟୋଜିତ ହୋଇ ଯାଇଛି କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳା । ସିଆରସିସି ଅଜୟ କୁମାର ଖଣ୍ଡପାଣିଙ୍କ ତତ୍ତ୍ୱାବଧାନ ଓ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଦେବଗନ୍ଧନା ସେବାଶ୍ରମ ବିଦ୍ୟାଳୟର ପ୍ରଧାନ ସେବିକା ମଣିମା ପାଙ୍ଗି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଏହି ଅବସରରେ ସଭାପତି ନିପୁଣ ଓଡ଼ିଶା ମେଳାର ଉଦ୍ଦେଶ୍ୟ ଓ ମହତ୍ତ୍ୱ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ଏହି ନିପୁଣ ଓଡ଼ିଶା ମେଳାରେ ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ, ସୃଜନ ସିଳତା ଭଳି ଶୀର୍ଷକ ବିଶିଷ୍ଟ ବିଭିନ୍ନ ଷ୍ଟଲ ମଧ୍ୟମରେ ୧୨ଟି ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରାୟ ସମସ୍ତ ବିଦ୍ୟାଳୟ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ଶିକ୍ଷଣୀୟ ସାମଗ୍ରୀ କାର୍ଯ୍ୟକ୍ରମର ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା ।

# କଳାଗୁଡ଼ା ଜଙ୍ଗଲରେ ମିଳିତ ଅବକାରୀ ଚଢ଼ଉ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ କଳାଗୁଡ଼ା ଜଙ୍ଗଲରେ ଅବକାରୀ ବିଭାଗ ଓ ସଦର ପୋଲିସର ମିଳିତ ଚଢଉ ହୋଇଛି । ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢଉ କରାଯାଇଛି । ଚଢଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୧ ହଜାର ଲିଟର ପୋଚ ଓ ୪୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛି । ଜିଲା ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ, ଅବକାରୀ ଥାନା ସହ ଜୟପୁର ସଦର ପୋଲିସର ମିଳିତ ଚଢଉ କରା ଯାଇଛି । ମଦ ରନ୍ଧା ସରଞ୍ଜାମ ଡ୍ରମ୍ ଆଦିକୁ ଜବତ କରାଯାଇଛି । ଚଢ଼ଉରେ ଫ୍ଲାଇଙ୍ଗ୍ ସ୍କ୍ୱାଡ୍‌ର ନିରୀକ୍ଷକ ଚନ୍ଦ୍ର ଶେଖର ପଡିଆରି, ଅବକାରୀ ନିରୀକ୍ଷକ ଶଶି କାନ୍ତ ଦତ, ଅବକାରୀ ଓଆଇସି ହିରଣ ସୁବ୍ରତ ଚଢଉ କରିଥିଲେ । ଏହି ଚଢଉ ଅପରାହ୍ନ ୨ଟାରେ ଶେଷ ହୋଇଥିଲା ।

# ଜାମୁଟଝୁଲା ଆଦିବାସୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

ଆଦିବାସୀ ଉଚ୍ଚ ବିଦ୍ୟାଳୟ ଜାମୁଟ ଝୁଲା ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା ସହ ବରିଷ୍ଠ ବିଜେପି ନେତା ଶିବାଜି ମହାନ୍ତି ଯୋଗ ଦେଇଥିଲେ ।

# ନାରାୟଣ ନଗର କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳା



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ନାରାୟଣ ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାରାୟଣ ନଗର କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳା ଓ ଶିକ୍ଷଣ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସିଆରସିସି ସନ୍ତୋଷ କୁମାର ଶତପଥିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଶ୍ରୀ ଶତପଥି ମେଳାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପ୍ରସାଦ ସରପଞ୍ଚ ଭାରତୀ ପୁରୋହିତ, ସମ୍ମାନିତ ଅତିଥି ଭାବେ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟର ଏସଏମସି ସଭାପତି ସ୍ୱାଧୀନ କୁମାର ପ୍ରଧାନ, ପୂର୍ବତନ ବୌଦ୍ଧ ବ୍ଲକ୍ ଉପାଧ୍ୟକ୍ଷ ମନରଞ୍ଜନ ପୁରୋହିତ, ସମ୍ବାଦ ପ୍ରତିନିଧି ସୁଧାଂଶୁ ଶେଖର ମିଶ୍ର, ଏସଏମସି ସଭାପତି ବାସନ୍ତୀ ମେହେର, ପ୍ରଧାନ ଶିକ୍ଷୟିତ୍ରୀ ଅନନ୍ତି ଭୋଇ ଯୋଗ ଦେଇ ନିପୁଣ ଓଡ଼ିଶା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କରେ କହିଥିଲେ । ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ୧୦ ବିଦ୍ୟାଳୟର ପ୍ରଥମରୁ ତୃତୀୟ ଶ୍ରେଣୀର ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଶେଷରେ ଛାତ୍ର ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ଏଫଏଲଏନ ଶିକ୍ଷକ ଓ ଗାଇଡ଼ ଶିକ୍ଷକ ସହଯୋଗ କରିଥିଲେ ।

# ନିଖିଳ ଉତ୍କଳ କୈବର୍ତ୍ତ ସମାଜର ସାଧାରଣ ସଭା



**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ସେକ୍ଟର ୧୭ ମଧୁସୂଦନ ବିଦ୍ୟାଳୟ ଠାରେ ନିଖିଳ ଉତ୍କଳ କୈବର୍ତ୍ତ ସମାଜର ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ସମାଜର ସଭାପତି ଜଗନ୍ନାଥ ବେହେରା ସଭାପତିତ୍ୱ କରି ପ୍ରାରମ୍ଭରେ ସ୍ୱାଗତ ଭାଷଣରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ । ସମାଜର ସାଧାରଣ ସମ୍ପାଦକ ଭ୍ରମର ବର ବେହେରା ଆଗାମୀ ଚୈତ୍ର ଉତ୍ସବ ତଥା ୨୫ତମ ସମ୍ମିଳନୀ ତଥା ରୌପ୍ୟଜୟନ୍ତୀ ଉପଲକ୍ଷେ ସମସ୍ତଙ୍କୁ ଅବଗତ କରାଇଥିଲେ । ସମାଜର ପୂର୍ବତନ ସଭାପତି ତଥା ଉପଦେଷ୍ଟା ଅର୍ଜୁନ ଚରଣ ସାହୁ ଦିନବେଳା ପାଳନ କରିବାକୁ ପ୍ରସ୍ତାବ ରଖିଥିଲେ । କାର୍ଯ୍ୟକାରୀ ସଭାପତି ନଟବର ବେହେରା ରାଜ୍ୟର ବିଶିଷ୍ଟ ବ୍ୟକ୍ତି ସମେତ ପ୍ରତିଜିଲ୍ଲାରେ କୈବର୍ତ୍ତ ସମାଜରୁ ପ୍ରତିନିଧି କରୁଥିବା ବ୍ୟକ୍ତିଙ୍କୁ ଉକ୍ତ ସମ୍ମିଳନୀରେ ଯୋଗଦେବାକୁ ଆମନ୍ତ୍ରଣ କରିବାପାଇଁ ପ୍ରସ୍ତାବ ଦେଇଥିଲେ । ଉପସଭାପତି ଗୋପବନ୍ଧୁ ତରାଇ ନିଜ ବକ୍ତ୍ୟବରେ କହିଥିଲେ ରାଉରକେଲା ତଥା ଏହାର ଆଖପାଖ ଅଞ୍ଚଳରେ ବାସ କରୁଥିବା କୈବର୍ତ୍ତ ପରିବାରକୁ ଡାକିବା ଉଚିତ । ସଂଗଠନ ସମ୍ପାଦକ ହରେକୃଷ୍ଣ ବେହେରା ନିଜ ଭାଷଣରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମାଜର ପରମ୍ପରା ନାଚ ଘୋଡ଼ାନାଚ ରଖାଯାଉ । ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ନାଥ ବେହେରା କହିଥିଲେ କୋର୍ କମିଟିର ଦାୟିତ୍ୱ ବଣ୍ଟନ କରାଯାଉ । ଅନ୍ୟମାନଙ୍କ ମଧ୍ୟରେ ଅର୍ଜୁନ ଚରଣ ବେହେରା ଓ ବିଜୟ ବେହେରା ଭାଷଣ ଦେଇଥିଲେ । ସର୍ବସମ୍ମତି କ୍ରମେ ସମସ୍ତ ପ୍ରସ୍ତାବ ପାରିତ କରାଯାଇଥିଲା । ଆସନ୍ତା ଆପଣ ଏପ୍ରିଲ ମାସ ୧୩ ତାରିଖ ରବିବାର ଦିବା ୧୦ ଘଟିକା ସମୟରେ ଭଞ୍ଜଭବନ ଠାରେ ପାଳନ କରିବାକୁ ସ୍ଥିର କରାଗଲା । ପବିତ୍ର ମୋହନ ବେହେରା ଧନ୍ୟବାଦ ପ୍ରସ୍ତାବ ରଖିଥିଲେ ।

# ମାର୍ଚ୍ଚ ୬ରୁ ମହିମା ଆଶ୍ରମ ଧ୍ୱନି ମନ୍ଦିର ପ୍ରତିଷ୍ଠା



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ସଦର ବ୍ଲକ ବଢିଗାଁ ଗ୍ରାମପଞ୍ଚାୟତ ବଳାସିଙ୍ଗା ମହିମାଧର୍ମର ଜ୍ଞାନପୀଠ ପବିତ୍ର ମହୁଲମୂଳ ମହିମା ଆଶ୍ରମରେ ଆସନ୍ତା ମାର୍ଚ୍ଚ ମାସ ୬ତାରିଖରୁ ୧୩ତାରିଖ ପର୍ଯ୍ୟନ୍ତ ନବନିର୍ମିତ ଭବ୍ୟ ମନ୍ଦିର ପ୍ରତିଷ୍ଠା ଅବସରରେ ନବଦିନ ବ୍ୟାପୀ ଘୃତ ଯଜ୍ଞ, ଅନ୍ନ ଯଜ୍ଞ, ଜ୍ଞାନ ଯଜ୍ଞ, ନାମ ଯଜ୍ଞ, ମିନା ବଜାର ଇତ୍ୟାଦି କାର୍ଯ୍ୟକ୍ରମ ରହିଛି । ଏହି ବୈଠକରେ ଆଶ୍ରମର ସାଧୁ କୁଳଧର ଦାସ, ସାଧୁ କୃଷ୍ଣଚନ୍ଦ୍ର ଦାସ, ମହିମା ବିକାଶ ପରିଷଦ ସଭାପତି ବିଭୁତି ଭୂଷଣ ପ୍ରଧାନ, ସଦସ୍ୟ ଶିକ୍ଷାବିତ୍ ଶମ୍ଭୁ ଗିରି, ସାମାଜିକକର୍ମୀ ବିଶିକେଶନ ପ୍ରଧାନ, ଯଜ୍ଞ ପରିଚାଳନା କମିଟି ସଭାପତି, ସମ୍ପାଦକ ଓ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ପ୍ରମୋଦ ନାଏକ ହତ୍ୟା ଘଟଣା ଦୁଇ ଅଭିଯୁକ୍ତ ଗିରଫ

**ମୁଖିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜୟପାଟଣା ଗାନ୍ଧିଗ୍ରାମପଡ଼ାର ପ୍ରମୋଦ ନାଏକ (୩୧)କୁ ହତ୍ୟା କରି ପୋଖରୀରେ ଫିଙ୍ଗି ଦେବା ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ ପରେ ଜୟପାଟଣା ପୋଲିସ କୋର୍ଟ ଚାଲାଣ କରିଛି । ଦୁଇ ଅଭିଯୁକ୍ତ ହେଲେ ଜୟପାଟଣାର ବିଜେନ୍ଦ୍ର ସାହୁ ଓ ମହେଶ ଦାସ ଓରଫ ମଣ୍ଟୁ । ପୂର୍ବ ଶତ୍ରୁତା ନେଇ ଉକ୍ତ ହତ୍ୟାକାଣ୍ଡ ହୋଇ ଥିବା ବେଳେ ଏଥିରେ ଆଉ କିଏ କିଏ ସାମିଲ ଅଛନ୍ତି ତାହା ଆଗକୁ ଆହୁରି ତଦନ୍ତ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ପରିବାର ଲୋକେ ଉକ୍ତ ହତ୍ୟା ଘଟଣାରେ ଅଧିକ ଲୋକେ ସାମିଲ ଥିବା ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି । ଗତ ୭ ତାରିଖ ରାତି ୮ଟାରୁ ପ୍ରମୋଦ ନିଖୋଜ ଥିବାବେଳେ ୮ ତାରିଖ ସକାଳୁ ଜୟପାଟଣା ଗୀତା ଭବନ ଚିର୍କା ଯିବା କେନାଲ ରାସ୍ତାରେ ଏକ ଖଳା ନିକଟରେ ଥିବା ପୋଖରୀରୁ ପ୍ରମୋଦର ମୃତଦେହ ମିଳିଥିଲା ।

# ସମଲେଇଚୁଆଁ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସମଲେଇଚୁଆଁ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଲୋକନାଥ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ବିଭୁଦତ୍ତ ରାଜହଂସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ବିଦ୍ୟାଳୟର ଉନ୍ନତି ପାଇଁ ଛାତ୍ରଛାତ୍ରୀ, ଅବିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀ ସମର୍ପିତ ହେବାକୁ ପ୍ରେରଣା ଦେଇଥିଲେ । ଶିକ୍ଷକ ଆଲୋକ ପଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବରିଷ୍ଠ ଶିକ୍ଷକ ନାରାୟଣ ମେହେର ବାର୍ଷିକ ବିବରଣୀ ପଠନ କରିଥିଲେ । ମୁଖ୍ୟବକ୍ତା ଭାବେ ଡୁଙ୍ଗୁରିପାଲି ମହାବିଦ୍ୟାଳୟର ରାଜନୀତିବିଜ୍ଞାନ ପ୍ରଧ୍ୟାପକ ସରୋଜ କୁମାର ଦାଶ ଯୋଗଦେଇ ଡିଜିଟାଲ ଗଣମାଧ୍ୟମ ଅପେକ୍ଷା ଖବର କାଗଜ ଓ ପୁସ୍ତକ ପଠନକୁ ଜୀବନର ବ୍ରତ କଲେ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଦିଗରେ ବିକାଶ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । ଏସ୍‌ଏମ୍‌ସି ଅଧକ୍ଷ ହୁତାଶନ ସେଠୀ, ପଞ୍ଚସଖା ଶିକ୍ଷାସେତୁ ସଭାପତି ରାଧାକାନ୍ତ ଗଡ଼ତିଆ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଆନନ୍ଦ ପଧାନ ଓ ଡିଲେ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ମନ ଯୋଗୀ ହୋଇ ପାଠ ପଢି ଉଜ୍ଜ୍ୱଳ ଭବିଷ୍ୟତ ଗଢିବାକୁ ପ୍ରେରଣା ଦେବା ସହ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନକରି ଉତ୍ସାହିତ କରିଥିଲେ । ଶିକ୍ଷକ ରବୀନ୍ଦ୍ରନାଥ ଭୋଇ, ହିମାଂଶୁ ସାହୁ, କେଶବ କୁଅଁର, ଶିକ୍ଷୟିତ୍ରୀ ସୀମା ସାହୁ, ଅମ୍ରିତା ନାଏକ, ପୂର୍ଣ୍ଣିମା ମେହେର, କର୍ମଚାରୀ ଅଭିଷେକ ମାଝୀ, ଧନପତି ଦୀପ, ମଧୁ ରାଜହଂସ, ବିପିନ ବଗର୍ତ୍ତି, ସ୍କାଉଟ ଗାଇଡ଼, ରେଡ଼କ୍ରସ ଓ ସମସ୍ତ ଛାତ୍ରଛାତ୍ରୀ ତଥା ଅବିଭାବକ ସହଯୋଗ କରିଥିଲେ । ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାଇବା ସହ ଅତିଥିଙ୍କୁ ଫୁଲତୋଡ଼ା ଓ ଉପଢୌକନ ଦେଇ ସ୍ୱାଗତ କରିଥିଲେ । ପୂର୍ବ ସିଆରସିସି ତଥା ବରିଷ୍ଠ ଶିକ୍ଷକ ନାରାୟଣ ମେହେର ସଭା ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ଶୁଭଶ୍ରୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାୟ ୨୫୦ ଜଣ ଛାତ୍ରଛାତ୍ରୀ ଓ ଅବିଭାବକ ଭାଗ ନେଇଥିଲେ । ଶିକ୍ଷକ ହ୍ୱାଲଦାର ଗଡ଼ତିଆଙ୍କ ମାର୍ଗ ଦର୍ଶନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା ।

# ଆମ୍ୱାଗୁଡ଼ାଠାରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ବ୍ଲକ ଅନ୍ତର୍ଗତ ଆମ୍ୱାଗୁଡ଼ା ଠାରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି ଶୁଣାଣି ଶିବିର ଦିନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଏବିଡିଓ ମନୋଜ ନାୟକ, ଏପିଓ ସନ୍ତୋଷୀ ମହାପାତ୍ର, ଅନ୍ୟ ଲାଇନର ବ୍ଲକ୍ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀମାନେ ବିଭାଗର ଅଧିକାରୀମାନଙ୍କୁ ରାସ୍ତା ନିର୍ମାଣ, ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ଆଦି ଅଭିଯୋଗ ଜଣାଇଥିଲେ । ଏହି ଶିବିର ଅପରାହନ ୨ଟା ୩୦ ମିନିଟ୍ ସମୟରେ ଶେଷ ହୋଇ ଥିଲା । ଏହା ସହ ଉପସ୍ଥିତ ଅଧିକାରୀମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ ସେ ନେଇ ସଚେତନ କରିଥିଲେ ।

# ୟୁରୋ କିଡ୍‌ସର ବାର୍ଷିକ ଉତ୍ସବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ନୂଆଗାଁ ୟୁରୋ କିଡ୍‌ସର ୨ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପିଲାଙ୍କୁ ଖେଳ ସହ ଶିକ୍ଷା ସେମାନଙ୍କ ଆନ୍ତର୍ନିହିତ ଗୁଣକୁ ବିକାଶ କରିବ । ଗୋଟିଏ ଶିଶୁଙ୍କୁ ମଣିଷ କରିବାରେ ଘରେ ଅଭିଭାବକ ଆଖପାଖ ପରିବେଶ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭୂମିକା ରହିଛି । ଉତ୍ତମ ପରିବେଶ ପିଲାଙ୍କୁ ଅଧିକ ଆଗକୁ ନେବ ବୋଲି ଅତିଥିମାନେ ମତ ପୋଷଣ କରିଥିଲେ । ମୁଖ୍ୟ ଅତିଥି ଭାବେ ସମାଜସେବୀ ଡ. ଚିନ୍ମୟନନ୍ଦ ବଡ଼ଜେନା, ସମ୍ମାନୀୟ ଅତିଥି ଭାବେ ଡ. ପଦ୍ମଜା ମିଶ୍ର ଯୋଗ ଦେଇଥିଲେ । ଏହି ଉତ୍ସବରେ ଅନ୍ୟତମ ଅତିଥିଭାବେ ସ୍ୱାତି ବିଶ୍ୱାଳ, ଅଖିଳ ପଳେଇ, କଳିଙ୍ଗ ବିହାର ୟୁରୋ କିଡ୍‌ସର ଅଧକ୍ଷା ଦିପ୍ ଶିଖା ଓ ସ୍ଥାନୀୟ ବହୁ ବିଶିଷ୍ଟବ୍ୟକ୍ତି ଯୋଗ ଦେଇଥିଲେ । ଅଧକ୍ଷା ମଧୁସ୍ମିତା ସାହୁ ଏଥିରେ ଅଧକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ଶୁଭ୍ରା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ମାନଷି ଲେଙ୍କା, ରଶ୍ମିତା ମହାନ୍ତି, ରଶ୍ମିତା ମହାପାତ୍ର, ଶୁଭଲକ୍ଷ୍ମୀ ମିଶ୍ର ଏହାକୁ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ବିଭିନ୍ନ ପ୍ରତିଯୋଗିତା ପାଇଁ ଅଭିଭାବକ ଓ ଶିଶୁଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



# ଶ୍ରୀ ମା' ଶ୍ରୀ ଅରବିନ୍ଦ ସ୍ମାରକୀ ପୀଠରେ ସପ୍ତମ ବାର୍ଷିକ ଉତ୍ସବ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଶ୍ରୀମା ଶ୍ରୀ ଅରବିନ୍ଦ ସ୍ମାରକୀ ପୀଠରେ ସପ୍ତମ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି । ଜିଲ୍ଲାର ପ୍ରାୟ ୭ଶହ ଶ୍ରୀମା ଓ ଶ୍ରୀ ଅରବିନ୍ଦଙ୍କ ଅନୁଗାମୀ ଯୋଗ ଦେଇଥିଲେ । ଉକ୍ତ ସଭାରେ କଟକ ସ୍ଥିତ ମାତୃଭବନରୁ ଆସିଥିବା ପ୍ରସାଦ ତ୍ରିପାଠୀ ଭବିଷ୍ୟରେ ପୃଥିବୀ ଓ ନୂତନ ମାନବ ଜାତିର ପରିପ୍ରକାଶ ସମ୍ବନ୍ଧେ ଏବଂ ଭୁବନେଶ୍ୱର ଖଣ୍ଡଗିରି ସ୍ଥିତ ଶ୍ରୀ ଅରବିନ୍ଦ ଆଶ୍ରମର ମହେନ୍ଦ୍ର ପ୍ରକାଶ ସ୍ୱାଇଁ ଶ୍ରୀ ଅରବିନ୍ଦ ପବିତ୍ର ଗ୍ରନ୍ଥ ସାବିତ୍ରୀ ସମ୍ବନ୍ଧରେ ଆଲୋଚନା କରିଥିଲେ । ଡଃ ଧନେଶ୍ୱର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭବାନୀ ପ୍ରସାଦ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ନୟନା ବେହେରା, ଜନ୍ମେଜୟ ପ୍ରଧାନ, ସତ୍ୟପ୍ରିୟ ମହାନ୍ତି, ଗୋଲଖ ଚନ୍ଦ୍ର ପରିଡ଼ା, ପ୍ରଫୁଲ୍ଲ କୁମାର ଦାସ, ଡଃ ବ୍ରଜ କିଶୋର ଖଣ୍ଡାଇ ସହଯୋଗ କରିଥିଲେ ।

# ବୀରନରସିଂପୁର ସ୍କୁଲ୍‌ରେ ଦିବ୍ୟଦୃଷ୍ଟି ଯୋଜନା କାର୍ଯ୍ୟକ୍ରମ



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବୀରନରସିଂପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୁରେନ୍ଦ୍ରସାଏ ଦିବ୍ୟଦୃଷ୍ଟି ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ବୀରନରସିଂପୁର, ରାଧାନଗର, ତାଳବାହାଲ, ସରସରା କ୍ଲଷ୍ଟରରୁ ୩୬ଟି ବିଦ୍ୟାଳୟର ୧୫୧ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି । ସେମାନଙ୍କ ମଧ୍ୟରୁ ୩୨ ଜଣଙ୍କୁ ମାଗଣାରେ ଚଷମା ଯୋଗାଇଦେବାର ବ୍ୟବସ୍ଥା କରାଯାଇଥିବା ବେଳେ ୫ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ବାହାରକୁ ପଠାଯିବାର ବ୍ୟବସ୍ଥା କରାଯାଇଛି । ଚକ୍ଷୁ ଚିକିତ୍ସା ଅଧିକାରୀ ସନ୍ତୋଷ ବରାଳ ଓ ତନ୍ମୟ କୁମାର ସାମନ୍ତସିଂହାର ଚକ୍ଷୁ ପରୀକ୍ଷା କରିଥିଲେ । ଏବିଇଓ ଅଖିଳ କୁମାର ପ୍ରଧାନ, ରଜତ କୁମାର ପ୍ରଧାନ, ରତ୍ନାକର ଦାଶ, ସ୍ୱେଚ୍ଛାସେବୀ ରାମଚନ୍ଦ୍ର ପୁରୋହିତ, ମିନତୀ ଭୋଇ, ସିଆରସିସି ଅର୍ଜୁନ କହଁର, ଶ୍ରୀବନ୍ତ ପ୍ରଧାନ, ନୀଳାଞ୍ଚଳ ମିଶ୍ର, ପଦ୍ମନାଭ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଓମ୍‌ପ୍ରକାଶ ପ୍ରଧାନ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀମାନେ ସହଯୋଗ କରିଥିଲେ ।

# ଅର୍ଥକାରୀ ଫସଲ ଉତ୍ପାଦନ ପାଇଁ ଚାଷୀଙ୍କୁ ପରାମର୍ଶ



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ପାଲଝାର ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଠାରେ ନାବାର୍ଡ ସହାୟତାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶ୍ୱାସ୍ରୋର ଆୟୋଜନକ୍ରମେ ଜିଲ୍ଲାର ଅଗ୍ରଣୀ ଚାଷୀମାନଙ୍କୁ ନେଇ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ସଂଯୋଜକ ତପନ କୁମାର ଦାସଙ୍କ ସଭାପତିତ୍ୱରେ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । କୃଷି ବିଜ୍ଞାନ କେନ୍ଦ୍ରର ବିଷୟବସ୍ତୁ ବିଶେଷଜ୍ଞ । କୃଷି ସମ୍ପ୍ରସାରଣ ବିଭାଗ ଡା. ମୟୂରୀ ସିଂ, କୃଷି ବିଜ୍ଞାନୀ ଡା. ସମାପିକା ଦଳାଇ ଓ ସସ୍ମିତା ପାଳ, ସାଲୁଙ୍କି କୃଷକ ଉତ୍ପାଦକ କମ୍ପାନୀ ସିଇଓ କୃତ୍ତିବାସ ପଳିଆ ପ୍ରମୁଖ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ସମୟରେ ଉନ୍ନତ ପ୍ରଣାଳୀ ଓ ବୈଜ୍ଞାନିକ ପଦ୍ଧତିରେ ଚାଷ କରି, ଧାନ ଚାଷ ବଦଳରେ ଅର୍ଥକାରୀ ଫସଲ କରି ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ଗୋଷ୍ଠୀଗତ ଭାବେ କାମ କରି ଲାଭବାନ ହେବାକୁ ପରାମର୍ଶ ଦେଇଥିଲେ ।

# ଓଷ୍ଟା ବ୍ଲକ୍ ସମ୍ପାଦକଙ୍କ ଦୁଇ ଦିନିଆ କର୍ମଶାଳା ଉଦ୍‌ଯାପିତ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ଦ୍ୱାରା ଆହୂତ ହୋଇଥିବା ଦୁଇଦିନିଆ ବ୍ଲକ୍ ସମ୍ପାଦକ କର୍ମଶାଳା ଆଜି ଉଦ୍‌ଯାପିତ ହୋଇଯାଇଛି । ଏହି ଦୁଇଦିନିଆ ବ୍ଲକ୍ ସଂପାଦକ କର୍ମଶାଳା ଓଷ୍ଟା ପରିସରରେ ଥିବା କୈଳାସ ଚନ୍ଦ୍ର ମହାପାତ୍ର ସଭାଗୃହରେ ଆୟୋଜିତ ହୋଇଥିଲା । ଏହି ଅବସରରେ ଏକ ଆଲୋଚନା ଚକ୍ର 'ଆମ ସଂଗଠନ ଓ ଆମେ' ଅନୁଷ୍ଠିତ ହୋଇଯାଇଛି ବୋଲି ସଂଗଠନର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି ।

ପ୍ରକାଶଥାଉକି, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆନୁକୂଲ୍ୟରେ ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବ୍ଲକ୍ ସମ୍ପାଦକ କର୍ମଶାଳାର ଅନ୍ତିମ ଦିବସରେ ସଂଗଠନର ବିଭିନ୍ନ ଦିଗ ଉପରେ ଏକ ଦଳଗତ ଆଲୋଚନା ହୋଇଥିଲା । ରାଜ୍ୟରେ ଶିକ୍ଷାର ପ୍ରସାର ପାଇଁ ଓଷ୍ଟା ତା'ର ଜନ୍ମଲଗ୍ନରୁ ଲଢ଼େଇ ଜାରି ରଖିଛି । ସାଂପ୍ରତିକ ସ୍ଥିତିରେ ସରକାର ଯେଉଁ ନୂତନ ଶିକ୍ଷାନୀତି ଆଣିବାକୁ ଯାଉଛନ୍ତି, ଏହି କର୍ମଶାଳାରେ ତା'ର ବିଭିନ୍ନ ଦିଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଆଲୋଚନାର ପ୍ରାରମ୍ଭରେ ସଂଗଠନର ସାଧାରଣ ସଂପାଦକ ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ଶିକ୍ଷା, ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ସମସ୍ୟାବଳୀ ସମ୍ପର୍କରେ ଆଲୋଚନା ରଖିଥିଲେ । ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ ନିଜର ଅଭିଭାଷଣରେ ସଂଗଠନର ଉନ୍ନତିରେ ବ୍ଲକ୍ ସମ୍ପାଦକମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରି ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱ ଦେଇଥିଲେ । କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ଓଷ୍ଟାର ଆୟ ବ୍ୟୟ ସମ୍ପର୍କରେ ସଭାକୁ ଅବଗତ କରାଇଥିଲେ । ସଭାପତି ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର 'ଆମ ବ୍ୟବସ୍ଥା ଓ ଆମେ' ବିଷୟରେ ଆଲୋଚନା କରି ସୁଦୃଢ଼ ବ୍ୟବସ୍ଥା ଦାବି ହାସଲର ଚାବିକାଠି ବୋଲି ମତ ବ୍ୟକ୍ତ କରିଥିଲେ । କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ ସଂଗଠନର ଭିତ୍ତିଭୂମି ବିକାଶ ଉପରେ ଆଲୋକପାତ କରିବା ସହିତ ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ଆମର ମୁଖପତ୍ର 'ଶିକ୍ଷାପ୍ରଦୀପ'ର ସାମାଜିକ ପ୍ରତିବଦ୍ଧତା ଉପରେ ନିଜର ଅଭିଭାଷଣ ରଖିଥିଲେ । ସଂପାଦକ ମାଣିକେଶ୍ୱର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଦୁଇଦିନିଆ କର୍ମଶାଳାକୁ ଓଷ୍ଟାର ସମସ୍ତ ପଦାଧିକାରୀ ଏବଂ ଜିଲ୍ଲାସମ୍ପାଦକ ନେତୃତ୍ୱବୃନ୍ଦ ପରିଚାଳନା କରିଥିଲେ ।

ସମ୍ପାଦକୀୟ

31 YEARS ସମ୍ବାଦ କଳିକା

# ୧୯୯୨ ପରଠାରୁ ସର୍ବାଧିକ ଧନୀ

ଭାରତରେ ଆୟ ବୈଷମ୍ୟ ଏକ ଚିନ୍ତାଜନକ ସ୍ତରରେ ପହଞ୍ଚିଯାଇଛି। ଧନୀକ ଶ୍ରେଣୀର ଲୋକମାନଙ୍କ ପାଖରେ ବିପୁଳ ସମ୍ପତ୍ତି ଥିବା ବେଳେ ଗରିବ ଲୋକମାନେ ଠିକ ଢଙ୍ଗରେ ଜୀବନ କାଟିବାକୁ ସଂଘର୍ଷ କରୁଛନ୍ତି। ଗତ ୧୦୦ ବର୍ଷ ଭିତରେ ଏଭଳି ସ୍ଥିତି ଦେଶରେ ଦେଖିବାକୁ ମିଳିନଥିଲା। ବର୍ତ୍ତମାନ ସମୟର ସ୍ଥିତି ଉପନିବେଶବାଦ ବେଳର ସ୍ଥିତିଠାରୁ ଖରାପ ରହିଛି। ପରାଧୀନ ସମୟରେ ମଧ୍ୟ ଦେଶରେ ଆୟ ବୈଷମ୍ୟର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିନଥିଲା। ୱାର୍ଲଡ୍ ଇନ୍‌ଇକ୍ୱାଲିଟି ଲ୍ୟାବ୍ର ଏକ ରିପୋର୍ଟ ଅନୁଯାୟୀ ଦେଶ ଜନସଂଖ୍ୟାର ୧ ପ୍ରତିଶତ ବଡ଼ ଧନୀଙ୍କ ପାଖରେ ଜାତୀୟ ଆୟର ସିଂହ ଭାଗ ଅର୍ଥାତ ୨୨.୬ ପ୍ରତିଶତ ଧନ ରହିଛି। ଆର୍ଥିକ ସ୍ତରରେ ଦୁର୍ବଳ ଥିବା ଜନସଂଖ୍ୟାର ୫୦ ପ୍ରତିଶତ ଲୋକଙ୍କ ପାଖରେ ଜାତୀୟ ଆୟର ମାତ୍ର ୧୫ ପ୍ରତିଶତ ରହିଛି। ଜାତୀୟ ସମ୍ପତ୍ତିର ଉପଯୁକ୍ତ ବଣ୍ଟନକୁ ନିଶ୍ଚିତ କରିବା ଲାଗି ଟିକସ ନିୟମରେ ପରିବର୍ତ୍ତନ ଆଣିବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି।

ଦେଶ ଜନସଂଖ୍ୟାରେ ଥିବା ୧ ପ୍ରତିଶତ ଅତି ବଡ଼ ଧନୀଙ୍କ ପାଖରେ ଭାରତରେ ଯେତିକି ସମ୍ପତ୍ତି ରହିଛି, ତାହା ବ୍ରାଜିଲ ଓ ଆମେରିକାରେ ବି ନାହିଁ। ୧୯୪୭ରେ ବ୍ରିଟିସ୍ ଶାସନରୁ ମୁକ୍ତ ହୋଇ ସ୍ୱାଧୀନ ହେବା ପରେ ୧୯୯୨ରେ ଭାରତ ଅର୍ଥନୀତିରେ ସଂସ୍କାର ଆଣିଥିଲା। ଏହାପରଠାରୁ ଦେଶରେ ବିଲିଓନେୟାର (୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକ) ସଂଖ୍ୟାରେ ନିୟମିତ ବୃଦ୍ଧି ଘଟୁଛି। ଭାରତରେ ଏବେ ବିଲିଓନେୟାର ରାଜ ଚାଲିଛି ବୋଲି ରିପୋର୍ଟରେ କୁହାଯାଇଛି। ୨୦୨୩ରେ ଦେଶର ୪୦.୧ ପ୍ରତିଶତ ସମ୍ପତ୍ତି ଧନୀ ଲୋକଙ୍କ ପାଖରେ ଥିଲା ଯାହା ୧୯୬୧ ପରେ ସର୍ବାଧିକ। ମୋଟ ଆୟରେ ଧନୀଙ୍କ ଭାଗ ୨୨.୬ ପ୍ରତିଶତ ରହିଛି ଯାହା ୧୯୯୨ ପରଠାରୁ ସର୍ବାଧିକ। ରିପୋର୍ଟରେ କୁହାଯାଇଛି ଯେ ଶିକ୍ଷାର ଅଭାବ ଯୋଗୁଁ ବହୁ ଲୋକ ସ୍ୱଳ୍ପ ବେତନରେ ଫସିରହିଛନ୍ତି। ସେଥିପାଇଁ ତଳ ସ୍ତରରେ ଥିବା ୫୦ ପ୍ରତିଶତ ଓ ମଧ୍ୟବିତ୍ତ ବର୍ଗର ୪୦ ପ୍ରତିଶତ ଲୋକଙ୍କ ଅଭିବୃଦ୍ଧି ଆଶାନୁରୂପ ହୋଇପାରିନାହିଁ। ୧୯୬୧ରେ ୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକଙ୍କ ସଂଖ୍ୟା ଦେଶରେ ମାତ୍ର ଏକ ଥିଲା। ୨୦୨୨ରେ ସେଭଳି ଲୋକଙ୍କ ସଂଖ୍ୟା ୧୬୨ରେ ପହଞ୍ଚିଛି। ଦେଶର ଦୁଇ ବଡ଼ ଧନୀ ହେଉଛନ୍ତି ମୁକେଶ ଅମ୍ବାନି ଓ ଗୌତମ ଆଦାନି। ଦେଶର ୧୦,୦୦୦ ବଡ଼ ଧନୀଙ୍କ ପାଖରେ ହାରାହାରି ଭାବେ ୨୨,୬୦୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ଦେଶର ଜଣେ ସାଧାରଣ ଲୋକଙ୍କ ସମ୍ପତ୍ତି ତୁଳନାରେ ତାହା ୧୬,୭୬୩ ଗୁଣା ଅଧିକ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ ନାମ ମହାତ୍ମ୍ୟ**



ଶ୍ରୀ ଅଭିରାମ ସରସ୍ୱତୀ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସବସ୍ୱ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସବସ୍ୱଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)


ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଲାକମସ୍ୱ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କମସ୍ୱକୁ ନିନ୍ଦିବ (୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବକରେ କମସ୍ୱକର
ନିଶ୍ଚେହେବ ପାରି (୧୭୭)

କରାଇବା କରୁଥିବା
ଯେତେ କମସ୍ୱମାନ
ହୃଦୟରେ ବିବେକକୁ
କରିବ ସ୍ମରଣ
(୧୭୮)

(କ୍ରମଶଃ)



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

# ବଧୂ ବିଦେଶିନୀ-୧୭

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଏକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୩୧. ଏକ ଆଶ୍ଚର୍ଯ୍ୟକର ସୁଖଦ ଘଟଣା

**(ପୂର୍ବ ପ୍ରକାଶିତ ଉତ୍ତାରୁ)**

ଆମ୍ଭର ପୁଷ୍ପଗିରିରେ ଅଧ୍ୟୟନ ପଞ୍ଚମବର୍ଷର କାର୍ତ୍ତିକ ପୂର୍ଣ୍ଣିମାର କିଛିଦିନ ପୂର୍ବରୁ ମୁଁ ଏକ ଅବକାଶ (ଛୁଟି)ଦିନ ପୂର୍ବାହ୍ନରେ ଆମ୍ଭ ବାସସ୍ଥଳୀ କକ୍ଷର ବାତାୟନ ସମୀପରେ ଦଣ୍ଡାୟମାନ ହୋଇ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରୁଥିଲି। ପାଖରେ ସୁହାସୀ ଗୃହରେ ଛୋଟ ଛୋଟ କାର୍ଯ୍ୟ କରୁଥିଲା। ଅକସ୍ମାତ ମୋତେ ଦୃଶ୍ୟମାନ ହେଲା ଯେ ଜଣେ ଯୁବକ ଅଶ୍ୱାରୋହଣ କରି ଆମ୍ଭ ନିବାସ ଆଡକୁ ଆସୁଛନ୍ତି। ବେଶଭୂଷାରୁ ଜ୍ଞାତ ହେଉଥିଲା ଯେ ସେ କୌଣସି ସମ୍ଭ୍ରାନ୍ତ ପରିବାରର ବୋଲି। ସେ ଆମ୍ଭ ବାସସ୍ଥାନର ପ୍ରବେଶ ଦ୍ୱାର ବାହାରେ ଆସି ଅଶ୍ୱରୁ ଅବତରଣ କଲେ ଓ ନିକଟରେ ଉଦ୍ୟାନରେ କାର୍ଯ୍ୟରତ ଜଣେ ସେବିକାଙ୍କୁ ପଚାରିଲେ, 'ଏଠାରେ ଯବଦେଶ ରାଜକୁମାରୀ କଲ୍ଲୋଳିନୀ ଓ ତାଙ୍କ ବାନ୍ଧବୀ ସୁହାସିନୀ ରହନ୍ତି କି ?" ସେବିକା ଜଣକ ଉତ୍ତର ଦେଲେ, " ହଁ ମହାଶୟ, ସେମାନଙ୍କୁ ଡାକିଦେବି କି ?" ଯୁବକ ମହାଶୟ ଅସ୍ତିବାଣୀ ଶୁଣାଇଲାରୁ ସେ ସେବିକା ଆମ୍ଭ କକ୍ଷକୁ ଆସି ତାଙ୍କୁ ସାକ୍ଷାତ କରିବାକୁ କହିଲେ।

ତା'ପରେ ଆମ୍ଭେ ଦୁହେଁ କକ୍ଷରୁ ବାହାରି ଆଗନ୍ତୁକଙ୍କୁ ପ୍ରଣାମ କଲୁ ଓ ମୁଁ କହିଲି, "ମୁଁ କଲ୍ଲୋଳିନୀ ଓ ଏ ମୋ ସଖୀ ସୁହାସିନୀ।" କହି ଜିଜ୍ଞାସୁ ନୟନରେ ତାଙ୍କ ପରିଚୟ ଅପେକ୍ଷାରେ ରହିଲାରୁ ସେ କହିଲେ, "ପ୍ରଣାମ ରାଜକୁମାରୀ। ମୁଁ ହେଉଛି ଆର୍ଯ୍ୟ ସୋମନାଥଙ୍କ ପୁତ୍ର। ମୋ ନାମ ଶୁଭ୍ରକାନ୍ତ। ପିତାଶ୍ରୀ ଆପଣଙ୍କ ଦେଶ ଯିବାର ଥିବାରୁ କାର୍ଯ୍ୟବ୍ୟସ୍ତ ଅଛନ୍ତି। ତେଣୁ ମୋତେ ତୁମ୍ଭ ନିକଟକୁ ପ୍ରେରଣ କରିଛନ୍ତି।" ଆମ୍ଭେ କହିଲୁ, "ସ୍ୱାଗତମ ମହାଶୟ। ତୁମ୍ଭ ସହ ସାକ୍ଷାତ କରି ଆନନ୍ଦିତ ହେଲୁ।" ତତ୍ପରେ ସେ ସ୍ମିତ ହସି ଆଣିଥିବା ସାମଗ୍ରୀ ରଖିଥିବା ଥଳୀଟିକୁ ଆମ୍ଭଙ୍କୁ ଦେଇ କହିଲେ, "ତୁମ୍ଭମାନଙ୍କ ଆବଶ୍ୟକୀୟ ସାମଗ୍ରୀ ଏଥିରେ ଅଛି। ବ୍ୟୟପାଇଁ ମଧ୍ୟ କିଛି ସ୍ୱର୍ଣ୍ଣମୁଦ୍ରା ଅଛି। ଯଦି ଆଉ କିଛି ସାମଗ୍ରୀ ଆବଶ୍ୟକ ମୋତେ କହିଲେ ମୁଁ ତାହା ପ୍ରେରଣ କରିଦେବି।" ଆମ୍ଭେ କହିଲୁ "ବର୍ତ୍ତମାନ ତ କିଛି ଆବଶ୍ୟକ ନାହିଁ। ପରବର୍ତ୍ତୀ ସମୟରେ କେହି ଆସିଲେ ଆବଶ୍ୟକ ଥିଲେ କହିବୁ।" ତାପରେ ଆମ୍ଭେ କକ୍ଷକୁ ଯାଇ ପୂର୍ବରୁ ସମସ୍ତଙ୍କୁ ଲେଖିଥିବା ପତ୍ରଗୁଡିକ ଆଣି ତାଙ୍କୁ ଦେଇଦେଲୁ ଓ କହିଲୁ " ତୁମ୍ଭର ପିତାଶ୍ରୀଙ୍କ ହସ୍ତରେ ଏ ସବୁ ପ୍ରେରଣ କରିଦେବ"। ଶୁଭ୍ରକାନ୍ତ ଆନନ୍ଦିତ ହୋଇ କହିଲେ, 'ଏଣିକି ମୁଁ ତୁମ୍ଭମାନଙ୍କ ସେବାପାଇଁ ପିତାଶ୍ରୀଙ୍କ ବିଦେଶ ଗମନ ସମୟରେ ଏଠାକୁ ପ୍ରତିଥର ଆସିବି।" ଏହା କହି ପ୍ରଣାମ କରି ସେ ଆମ୍ଭଠାରୁ ବିଦାୟ ନେଲେ।

ଏହାପରେ ଦୁଇତିନି ସପ୍ତାହ ଅତିବାହିତ ହୋଇଗଲା। ଏକ ଅବକାଶ ଦିନ କଥା କହୁଛି। ମୁଁ ପ୍ରଭାତରେ ଆମ୍ଭ ଛାତ୍ରୀନିବାସ ସମ୍ମୁଖରେ ସ୍ଥିତ ଉଦ୍ୟାନରେ ଅଭ୍ୟାସଗତ ଭାବରେ ଜଳଦାନ ଓ ଉଦ୍ୟାନର ରକ୍ଷଣାବେକ୍ଷଣ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲି। ଅକସ୍ମାତ୍ ଦେଖିଲି ଯେ ଏକ ଅଶ୍ୱଚାଳିତ ଯାନ ଆମ୍ଭ ନିବାସସ୍ଥଳ ଆଡକୁ ଆସୁଅଛି। ଯାନଟି କିଛିଦୂରରେ ଆସି ପଥ ଉପରେ ରହିଗଲା। କାରଣ ଆମ୍ଭ ନିବାସ ଏକ କ୍ଷୁଦ୍ର ପାହାଡ ଉପରେ ଅବସ୍ଥିତ ହେତୁ ଅଳ୍ପଦୂରରେ ରହିଥିବା ପଥଟିରୁ ଆମ୍ଭପାଖକୁ ପଦଯାତ୍ରା କରି ଆସିବାକୁ ହୁଏ।

ଅଶ୍ୱଯାନଟି ରହିବାର ଦେଖି ମୁଁ ତା' ଉପରେ ଦୃଷ୍ଟି ରଖିଲି। ଦେଖିଲି ଯାନ ମଧ୍ୟରୁ ଜଣେ ଉତ୍ତମ ପରିଧାନ ପରିହିତ ଯୁବକ ଅବତରଣ କଲେ। ତା'ପରେ ଜଣେ ଚାକଚକ୍ୟ ବସ୍ତ୍ର ପିନ୍ଧିଥିବା ଯୁବତୀ ଅବତରଣ କଲେ। ଯାନର ପଛରେ ବାହାଙ୍ଗିର ଦୁଇ ପଟେ ଅନେକ ବୋଝ ବହନ କରିଥିବା ଦୁଇଜଣ ବ୍ୟକ୍ତି ଆସି ପହଞ୍ଚିଲେ। ସେ ଯୁବକ ଯୁବତୀ ଆମ୍ଭ ନିବାସ ଆଡକୁ ପାଦରେ ଆସିଲେ ଓ ସେ ଦୁଇ ଭାର ବହନକାରୀ ଦ୍ୱୟ ମଧ୍ୟ ସେମାନଙ୍କ ପଶ୍ଚାତ୍ ଭାଗରେ ଆସିଲେ। ମନରେ କୌତୁହଳ ସୃଷ୍ଟି ହେଲା ଓ ନିରୀକ୍ଷଣ କରି ରହିଲି। ମୋର କିଛି ନିକଟତର ହେବାର ସେ ଯୁବକଙ୍କୁ ମୁଁ ଚିହ୍ନି ପାରିଲି।

ଏ ଶ୍ରେଷ୍ଠୀପୁତ୍ର ଶୁଭ୍ରକାନ୍ତ କାହିଁକି ଏପରି ପରିସ୍ଥିତିରେ ଏତେ ଶୀଘ୍ର ଆସୁଛନ୍ତି ? ସେ ନିକଟକୁ ଆସିବାରୁ ଶୁଭ୍ରକାନ୍ତ ଓ ମୁଁ ପରସ୍ପରକୁ ଅଭିବାଦନ କଲୁ। ମନରେ ଆସିଲା ଯୁବତୀଟି କିଏ ? ଯୁବତୀଟିର ମୁଖକୁ ମୁଁ ଚାହିଁଲି ଓ ସଙ୍ଗେ ସଙ୍ଗେ 'ଆରେ, ମଂଜୁଳା' ବୋଲି ଚିତ୍କାର କରି ଉଠି ତାକୁ କୁଣ୍ଢାଇ ପକାଇଲି। ତତ୍‌କ୍ଷଣାତ୍ 'ଏ ସୁହାସୀ, ଆସେ ଦେଖେ ଏ କିଏ ଆସିଛି ?" ବୋଲି କହି ସଖୀକୁ ଡାକିଲି। ସୁହାସିନୀ ଆସିବାପରେ ଉଭୟେ ପରସ୍ପରକୁ ଆନନ୍ଦରେ ଆଲିଙ୍ଗନ କରି ଲାଗିଲେ। ମୁଁ କହିଲି, "ଆରେ ମଂଜୁଳା ତୁ କ'ଣ ଏ ମଧ୍ୟରେ ଆର୍ଯ୍ୟ ଶୁଭ୍ରାକାନ୍ତଙ୍କ ଧର୍ମପତ୍ନୀ ହୋଇଯାଇଛୁ।" ହଁ, ସଖୀ ବୋଲି ମଂଜୁଳା ଆନନ୍ଦରେ କହିଉଠିଲା। ସୁହାସୀ ଓ ମୁଁ ଅତି ଉତ୍ତମ, ଅତି ଉତ୍ତମ ବୋଲି କହିଲୁ।

ଏହାପରେ ସୁହାସୀ କହିଲା, "ଏଠି ଠିଆ ହୋଇ କଥା ହେବା କ'ଣ ? ଚାଲେ ଆମ୍ଭେ କକ୍ଷରେ ଯାଇ ତିନିସଖୀ ଆଳାପ କରିବା।" ମୁଁ "ଚାଲ" ବୋଲି କହି ଶୁଭ୍ରକାନ୍ତଙ୍କୁ କହିଲି, "ସଖା, ତୁମ୍ଭେ ବିଶ୍ରାମାଗାରରେ ବିଶ୍ରାମ କର।" ଶୁଭ୍ରକାନ୍ତ ହସି କହିଲେ, "ମୁଁ ଯାଉଛି, ରାଜକୁମାରୀ। ଆମ୍ଭେ ଅଳ୍ପ କିଛି ସମୟ ପରେ ପ୍ରସ୍ଥାନ କରିବୁ।" ସୁହାସୀ ହାସ୍ୟବାଦନରେ କଠିନ ଶବ୍ଦରେ କହିଲା, "ତୁମ୍ଭେ ଆମ୍ଭ ସଖୀର ପତିଦେବ। ତେଣୁ ଆମ୍ଭର ସଖା। ଏଣିକି ତାହା କହି ସମ୍ବୋଧନ କରିବ। ନଚେତ୍ ଦଣ୍ଡ ପାଇବ। ଆଉ, ଯେଉଁ ଶୀଘ୍ର ଯିବା କଥା କହିଲ ତାହା ପରିହାର କର। ସେ କଥା ପରେ ବିଚାର କରାଯିବ। ଏବେ ଆସ ମୁଁ ତୁମ୍ଭର ରହିବାର ବ୍ୟବସ୍ଥା କରିଦେଉଛି।" ଶୁଭ୍ରକାନ୍ତ ସୁହାସୀ ସହ ଯିବାକୁ ଉଦ୍ୟତ ହେଲେ। ମୁଁ ତାଙ୍କୁ କ୍ଷଣିକ ବିରତ କରି ସବୁ ବୋଝ ଦେଖାଇ କହିଲି, "ଏ ସବୁ କ'ଣ ? କନ୍ୟାପିତା ବିବାହ ପରେ କନ୍ୟାର ଶ୍ୱଶୁରାଳୟକୁ ପ୍ରେରିତ କରିବା ଭାର ବା ଉପହାର କି ?" ଶୁଭ୍ରକାନ୍ତ ହସି କହିଲେ, "ମଂଜୁଳା ବିବାହ ପରେ ପ୍ରଥମେ ଆସିଛି ନା। ତେଣୁ ଏ ସବୁ ଅଧ୍ୟାପକ, କର୍ମଚାରୀ, ଛାତ୍ରଛାତ୍ରୀ ଆଦିଙ୍କ ପାଇଁ ଆମ୍ଭେ ଦୁହେଁ ଆଣିଅଛୁ। ଏହାର ବିନିଯୋଗ କର।" ମୁଁ ହସିଲି ଓ ସେ ସୁହାସୀ ସହ ବିଶ୍ରାମଗାର ଅଭିମୁଖେ ଚାଲିଗଲେ।

ମୁଁ ମଂଜୁଳାକୁ ନେଇ ଆମ କକ୍ଷକୁ ଚାଲିଗଲି। ସୁହାସୀ ସହାୟିକାମାନଙ୍କ ସାହାଯ୍ୟରେ ଶୁଭ୍ରକାନ୍ତକୁ ଅତିଥିକକ୍ଷରେ ରଖି ଓ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା କରି ଆମ୍ଭପାଖକୁ ଆସି କହିଲା, "ମୁଁ ଆମ୍ଭର ବଂଧୁବାନ୍ଧବୀଙ୍କପାଇଁ ଜଳପାନ ଓ ପରବର୍ତ୍ତୀ ମଧ୍ୟାହ୍ନ ଭୋଜନର ସୁବିଧା କରିଦେଇଛି। ସଖାଙ୍କୁ ମଧ୍ୟ ଏସବୁ କଥା କହିଦେଇଛି। ବର୍ତ୍ତମାନ ଆସ ଏ ମିଷ୍ଟଦ୍ରବ୍ୟ ପ୍ରଥମେ ଆଚାର୍ଯ୍ୟ ଓ ଅନ୍ୟସବୁ ଅଧ୍ୟାପକଙ୍କ ଘରେ ବଣ୍ଟନ କରି ଆସିବା। ତା'ପରେ ମଧ୍ୟାହ୍ନରେ ସମୂହ ଭୋଜନ ବେଳେ ସମସ୍ତ ଅନ୍ତେବାସୀ ଓ କର୍ମଚାରୀମାନଙ୍କୁ ବଣ୍ଟନ କରିଦେବା।

କିଛି ସମୟପରେ ମଂଜୁଳା ଓ ଶୁଭ୍ରକାନ୍ତଙ୍କପାଇଁ ନିଜନିଜ କକ୍ଷକୁ ଜଳପାନ ଆସିଗଲା। ମଂଜୁଳା ବସ୍ତ୍ର ପରିବର୍ତ୍ତନ କରିବାକୁ ଚାହୁଁଥିବାରୁ ମୁଁ ତାଙ୍କୁ ଆମ୍ଭ ବସ୍ତ୍ରରୁ ପରିଧାନ କରିବାପାଇଁ ସନ୍ୟାସିନୀ ବସ୍ତ୍ର ଦେଲି। ସେ ତା'ପରେ ଜଳପାନ କଲା ଓ ମୁଁ ପଚାରିଲି, "ସଖୀ, ତୁ କହ ଏ ବିବାହ କିପରି ହେଲା ? ସେ କହିଲା, "ମୋର ପିତା ଓ ଶ୍ୱଶୂର ବଂଧୁ ଅଟନ୍ତି। ତେଣୁ ଉଭୟେ କଥା ହୋଇ ଏ ସମ୍ବନ୍ଧ ପ୍ରସ୍ତୁତ କଲେ। ତମେ ଦୁହେଁ ଜାଣି ଥିବ କି ନାହିଁ ମୁଁ ଜାଣେନା। ପରେ ମୋ ଶ୍ୱଶୂର ମୋତେ କହିଲେ ଯେ ତାଙ୍କର ସୁପାରିସ କ୍ରମେ ତୁମ୍ଭ ପୀୟୁସୀ ଓ ଜ୍ୟେଷ୍ଠପିତା ମୋ ପିତାଙ୍କୁ ତୁମ୍ଭର ଏ ସବୁ ଦାୟିତ୍ୱ ଦେଇଥିଲେ। କିନ୍ତୁ ମୁଁ ଜାଣି ନଥିଲି ଯେ ତୁମ୍ଭର ସେ ସ୍ଥାନୀୟ ତତ୍ତ୍ୱାବଧାରକ ଅଟନ୍ତି।" ସୁହାସୀ ଶୁଣି ଉତ୍ସୁକ ହୋଇ ପଚାରିଲା ''ତୁ କିପରି ଜାଣିଲୁ ?'' ସେ କହିଲା ଯେ ଗଲାଥର ମୋ ପତି ତୁମ୍ଭମାନଙ୍କ ଠାରୁ ତୁମ୍ଭର ପତ୍ରମାନ ଯବଦେଶ ପ୍ରେରଣ କରିବାପାଇଁ ନେଇଥିଲେ। କକ୍ଷରେ ସେ ସବୁ ରଖିଥିଲେ। ମୁଁ ତାହା ଦେଖି ଜାଣି ଆଶ୍ଚର୍ଯ୍ୟ ହୋଇ ପଚାରିବାରୁ ସେ ଏସବୁ ବିଷୟ କହିଲେ। ମୋର ଆନଂଦର ସୀମା ରହିଲା ନାହିଁ। ପୂର୍ବରୁ ମୁଁ ଭାବୁଥିଲି ଯେ ମୋ ଶାଶୂ ଶ୍ୱଶୂରଙ୍କୁ କହି ତୁମ୍ଭକୁ ଏଠି ସାକ୍ଷାତ କରିବି। କିନ୍ତୁ ହଠାତ୍ ସାହସ କରିପାରିଲି ନାହିଁ। ଏ ସମ୍ବନ୍ଧ ଜାଣି ମୁଁ ମୋ ଶାଶୁ ଶ୍ୱଶୂରଙ୍କୁ ଯାଇ ଆମ୍ଭର ମିତ୍ରତା ବିଷୟରେ କହିବାରୁ ସେମାନେ ଆନଂଦିତ ହେଲେ। ଶ୍ୱଶୂର କହିଲେ ଯେ, ସେ ବିଦେଶ ଗଲାପରେ ଶୁଭକାନ୍ତ ମୋତେ ନେଇ ତୁମ୍ଭମାନଙ୍କ ସହ ସାକ୍ଷାତ କରାଇଦେବେ। ଯାହା ହେଉ ଉତ୍ତମ ହେଲା। କହ, ତୋ ଶ୍ୱଶୂର, ଶାଶୂ, ପତି ପ୍ରଭୃତି କିପରି ?' ମୁଁ ପଚାରିଲି। ସେ ଉତ୍ତର ଦେଲା, "ସମସ୍ତେ ଅତି ଉତ୍ତମ। ମୋତେ ଅତୀବ ସ୍ନେହ କରନ୍ତି। ସମସ୍ତେ ଜ୍ଞାନୀ ଓ ଉଚ୍ଚ ଶିକ୍ଷିତ।" ଶୁଣି ସୁହାସୀ କହିଲା, "ଅତି ଉତ୍ତମ, ଆମ୍ଭର ପରବର୍ତ୍ତୀ ପଦକ୍ଷେପ ପାଇଁ ପଥ ସୁଗମ ହୋଇଗଲା। ଯାହା ଆମ୍ଭେ ଏଣିକି କରୁଛୁ ତୁ ଆମ୍ଭକୁ ଅନୁସରଣ କରି ଯାଆ।" ମଂଜୁଳା କ'ଣ ବୋଲି ପଚାରିଲା। ସୁହାସୀ କଥା ମୁଁ ବୁଝିଗଲି ଓ କହିଲି, "ତୁ ତା' କଥା ମାନି ଯାଆ। ତୋତେ ଆମ୍ଭେ ପୂର୍ବରୁ ଯାହା କହିଥିଲୁ ସେ ସେହି ବିଷୟ କହୁଛି।"

ମଂଜୁଳାର ଜଳପାନ ଶେଷ ହେବାପରେ ତାକୁ ନେଇ ଆମ୍ଭେ ଶୀଘ୍ର ଶୁଭ୍ରକାନ୍ତଙ୍କ ପ୍ରକୋଷ୍ଠକୁ ଗଲୁ। ଗଲାମାତ୍ରେ ସୁହାସୀ ହସି କରି ଆଦେଶ ଦେବା ସ୍ୱରରେ କହିଲା, " ଶୁଣ ସଖା, ଆମ୍ଭ ପାଶରେ ସମୟ ଅତି ନ୍ୟୁନ। ତୁମ୍ଭ ପିଷ୍ଟକ ଓ ମିଷ୍ଟ ଦ୍ରବ୍ୟ ଗୁରୁମାନଙ୍କୁ ଓ ପରେ ଅନ୍ତେବାସୀମାନଙ୍କୁ ବଣ୍ଟନ କରିବୁ। ତୁମ୍ଭ ଦୁହିଁଙ୍କୁ ଏଠି ଆଜି, କାଲି ଓ ପରଦିନ ରହିବାକୁ ହେବ। କାହାଠାରୁ କେଉଁ ଅନୁମତି ନେବାକୁ ହେବ ତୁମ୍ଭର ସହାୟକଙ୍କୁ ଘରକୁ ପ୍ରେରଣ କରି ଆଣ। ଏ ସବୁ ପୋଥିମାନ ରଖ ଓ ପଢି ସମୟ ଅତିବାହିତ କର। ଆମ୍ଭେ ସଂଧ୍ୟାସମୟକୁ ଆସିବୁ ଓ ତୁମ୍ଭକୁ ନେଇ ଆଚାର୍ଯ୍ୟଙ୍କ ଘରକୁ ଯିବୁ।" ହସିକରି ଶୁଭ୍ରକାନ୍ତ କହିଲେ, " ଯଥା ଆଜ୍ଞା, ସଖୀ।"

ଆମ୍ଭେମାନେ ତତ୍‌ପରେ ଗୁରୁଦେବଙ୍କ ଘରକୁ ଗଲୁ। ଗୁରୁଦେବ ଓ ଗୁରୁମାତାଙ୍କ ପାଦରେ ପଡି ମଂଜୁଳା ପ୍ରଣାମ କଲା। ସେମାନେ ଆଶୀର୍ବାଦ ଦେଇ କହିଲେ "ସୌଭାଗ୍ୟବତୀ ଭବ"। ଆଚାର୍ଯ୍ୟ ଆଶ୍ଚର୍ଯ୍ୟ ହୋଇ କହିଲେ, " ମଂଜୁଳା, ତୁ ଏଠି କିପରି"। ସବୁକଥା ମୁଁ କହିଲି। ଦୁହେଁ ଅତି ଆନଂଦ ହେଲେ। ମଂଜୁଳା ସେମାନଙ୍କୁ ହାତଯୋଡି ତା' ଘରକୁ ଅବସର ଦେଖି ଯିବାକୁ ଅନୁରୋଧ କଲା।" ଉଭୟେ "ଅବଶ୍ୟ, ଅବଶ୍ୟ" କହି ସମ୍ମତି ଜଣାଇଲେ। ତା'ପରେ ଆମ୍ଭେ କହିଲୁ " ଅନ୍ୟ ଗୁରୁମାତାଙ୍କ ଘରକୁ ଯିବୁ। ସଂଧ୍ୟା ସମୟରେ ଶୁଭ୍ରକାନ୍ତଙ୍କୁ ଆଣି ଆମେ ଆସିବୁ।" ଖାଦ୍ୟ ଦ୍ରବ୍ୟ ଗୁରୁମାତାଙ୍କୁ ଦେଇ କହିଲୁ, " ମଂଜୁଳା ଏସବୁ ଆଣିଛି।" ତା'ପରେ ଅନ୍ୟ ଗୁରୁମାତାଙ୍କ ଘରକୁ ଗଲୁ। ସେମାନଙ୍କୁ ମଂଜୁଳାର ପରିଚୟ କରାଇଦେଲୁ। ସମସ୍ତେ ଆନଂଦ ହୋଇ ଆଶୀର୍ବାଦ ଦେଲେ। ମିଷ୍ଟଦ୍ରବ୍ୟ ସେମାନଙ୍କୁ ଦେଲୁ। ଏ ସବୁ ପରେ ଆମ୍ଭ ପ୍ରକୋଷ୍ଠକୁ ପ୍ରତ୍ୟାବର୍ତ୍ତନ କରି କିଛି ସମୟ ଦୁଃଖସୁଖ ହେଲୁ।

ମଧ୍ୟାହ୍ନ ଭୋଜନ ସମୟ ଆସିଗଲା। ସେବକ ସେବିକାଙ୍କ ସାହାଯ୍ୟରେ ମିଷ୍ଟଦ୍ରବ୍ୟ ନେଇ ଭୋଜନଶାଳା ଗଲୁ। ପ୍ରଥମେ ଛାତ୍ରୀ ନିବାସର ଓ ପରେ ବିଦ୍ୟାର୍ଥୀ ନିବାସର। ସାଥୀ ଅନ୍ତେବାସୀମାନଙ୍କୁ ଆମ୍ଭର ସଖୀକୁ ବିଦୁଷୀ ମଂଜୁଳିକା ଆଦି କହି ମଂଜୁଳାର ପରିଚୟ କରାଇଦେଲୁ ଓ "ସେ ତୁମ୍ଭମାନଙ୍କପାଇଁ ସୁମିଷ୍ଟ ଦ୍ରବ୍ୟ ଆଣିଛି" କହି ଭୋଜନ ସମୟରେ ବଣ୍ଟନ କଲୁ। ସମସ୍ତେ ତାକୁ ସ୍ୱାଗତ କରି ଆନଂଦ ପ୍ରକାଶ କଲେ। ସମସ୍ତ ସହାୟକ ଓ ସହାୟିକମାନଙ୍କ ମଧ୍ୟରେ ତାହା ବଣ୍ଟନ କଲୁ। ତା'ପରେ ସମୂହ ଭୋଜନରେ ଭାଗନେଇ ଆମ୍ଭ ରହିବା କକ୍ଷକୁ ଆସିଲୁ।

ବିଳମ୍ବିତ ଅପରାହ୍ନ ହୋଇଗଲା। ଶୀଘ୍ର ବାହାରି ତିନି ବାନ୍ଧବୀ ଶୁଭ୍ରକାନ୍ତଙ୍କ ପାଖକୁ ଗଲୁ। ସେ ହର୍ଷ ଚିତ୍ତରେ ମାତାଶ୍ରୀଙ୍କ ଅନୁମତି ଓ ବସ୍ତ୍ର ଆଦି ଆସିଯାଇଛି ବୋଲି କହିଲେ। ସୁହାସୀ କହିଲା, "ବନ୍ଧୁ, ଆମ୍ଭ ଆଜ୍ଞା ପାଳନ କରିଥିବାରୁ ତୁମ୍ଭକୁ ପ୍ରଶଂସା ନ କରି ରହି ପାରୁନାହୁଁ। ଶୀଘ୍ର ନୂତନ ବସ୍ତ୍ର ପରିଧାନ କରି ଆସ। ଗୁରୁଦେବଙ୍କ ଗୃହକୁ ଯିବା। ଆମ୍ଭେ ବାହାରେ ଉଦ୍ୟାନରେ ଅପେକ୍ଷା କରୁଛୁ।" ତା'ପରେ ଆମ୍ଭେ ବାହାରକୁ ଗଲୁ। ମଂଜୁଳିକାକୁ ମୁଁ କହିଲି, "ଦେଖ ସଖୀ, ତୋର ସୌଭାଗ୍ୟ ଯେ ତୁ ଏତେ ଉତ୍ତମ ଉଦାରବାଦୀ ପତି ଓ ଶ୍ୱଶୁ ପ୍ରାପ୍ତ ହୋଇଛୁ।" ମଂଜୁଳା ସ୍ମିତହସ ପ୍ରକାଶ କଲା। ସୁହାସୀ କହିଲା, "ଦେଖେ ମଂଜୁଳା ବର୍ତ୍ତମାନ ଆମ୍ଭେ ଲକ୍ଷ୍ୟ ପଥର ପ୍ରଥମ ସୋପାନ ସୁଚାରୁରୂପେ ଅତିକ୍ରମ କରିଦେଲେ।" ମଂଜୁଳା କହିଲା, "ତୁମ ଦୁହିଁଙ୍କ କଥା ମୁଁ ଆଖିବୁଜି ମାନି ଯାଉଛି। ଯାହା କରୁଛ କର।"

ଏ ସମୟରେ ଶୁଭ୍ରକାନ୍ତ ଆସିଗଲେ। ଆଚାର୍ଯ୍ୟ ଆର୍ଯ୍ୟଦତ୍ତଙ୍କ ଗୃହ ଅଭିମୁଖେ ଆମେମାନେ ଅଗ୍ରସର ହେଲୁ। ମଂଜୁଳିକାର ମନସ୍କାମନା ପୂରଣ କରିବାର ଲକ୍ଷ୍ୟ ଯେ ଆଉ କେତେ ଦୂର ତାହା ଦେଖିବାକୁ ରହିଲା। (କ୍ରମଶଃ)

ସୁଦିପ୍ତ କୁମାର ବେହେରା
ପୁରୁଷୋତ୍ତମପୁର, ଗଞ୍ଜାମ,
ଓଡ଼ିଶା.
ମୋ: ୯୧୭୮୭୭୪୦୯୩

# ଦକ୍ଷିଣପନ୍ଥୀ ରାଜନୀତିର ଉତ୍ଥାନ: ଏକ ବିଶ୍ୱସ୍ତରୀୟ ଘଟଣା

ସାମ୍ପ୍ରତିକ ବର୍ଷଗୁଡ଼ିକରେ, ବିଶ୍ୱ ରାଜନୈତିକ ଦୃଶ୍ୟପଟରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖିଛି, ଦକ୍ଷିଣପନ୍ଥୀ ରାଜନୀତିର ଉତ୍ଥାନ ଏକ ପ୍ରମୁଖ ଧାରା ପାଲଟିଛି। ଏହି ଘଟଣା ବିଦ୍ୱାନ, ନୀତି ନିର୍ଦ୍ଧାରକ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ବିତର୍କ, ଚିନ୍ତା ଏବଂ କୌତୁହଳ ସୃଷ୍ଟି କରିଛି। ଆମେରିକାରେ ଡୋନାଲ୍ଡ ଟ୍ରମ୍ପଙ୍କ ରାଷ୍ଟ୍ରପତିତ୍ୱଠାରୁ ଭାରତରେ ନରେନ୍ଦ୍ର ମୋଦିଙ୍କ ପ୍ରଧାନମନ୍ତ୍ରୀତ୍ୱ ପର୍ଯ୍ୟନ୍ତ ଏବଂ ବ୍ରାଜିଲରେ ଜାଇର ବୋଲସୋନାରୋଙ୍କ ରାଷ୍ଟ୍ରପତିତ୍ୱଠାରୁ ଇଟାଲୀରେ ଜିଓର୍ଜିଆ ମେଲୋନିଙ୍କ ପ୍ରଧାନମନ୍ତ୍ରୀତ୍ୱ ପର୍ଯ୍ୟନ୍ତ, ଦକ୍ଷିଣପନ୍ଥୀ ନେତାମାନେ ଗତି ବଢ଼ାଉଛନ୍ତି, ସେମାନଙ୍କ ଦେଶର ରାଜନୈତିକ ବର୍ଣ୍ଣନାକୁ ପୁନଃଆକୃତି ଦେଉଛନ୍ତି ଏବଂ ଉଦାରବାଦୀ ଗଣତାନ୍ତ୍ରିକ କ୍ରମକୁ ଚ୍ୟାଲେଞ୍ଜ କରୁଛନ୍ତି।

ଡାହାଣପନ୍ଥୀ ରାଜନୀତିର ଉତ୍ଥାନରେ ଅବଦାନ ଦେଉଥିବା କାରଣଗୁଡ଼ିକ- ଡାହାଣପନ୍ଥୀ ରାଜନୀତିର ପୁନରୁତ୍ଥାନରେ ଅନେକ କାରଣ ଯୋଗଦାନ କରିଛି, ଯେଉଁଥିରେ ଅନ୍ତର୍ଭୁକ୍ତ:

- ଆର୍ଥିକ ଅସୁରକ୍ଷା: ୨୦୦୮ ର ବିଶ୍ୱ ଆର୍ଥିକ ସଙ୍କଟ ଏବଂ ପରବର୍ତ୍ତୀ କଟକଣା ପଦକ୍ଷେପ ବ୍ୟାପକ ଅର୍ଥନୈତିକ ଅନିଶ୍ଚିତତା ସୃଷ୍ଟି କରିଛି, ଯାହାକୁ ଦକ୍ଷିଣପନ୍ଥୀ ରାଜନେତାମାନେ ଜାତୀୟତାବାଦୀ ଏବଂ ସଂରକ୍ଷଣବାଦୀ ନୀତିଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟବହାର କରିଛନ୍ତି।
- ପ୍ରବାସନ ଏବଂ ସାଂସ୍କୃତିକ ପରିବର୍ତ୍ତନ: ଶରଣାର୍ଥୀ ଏବଂ ପ୍ରବାସୀମାନଙ୍କର ଆଗମନ ସାଂସ୍କୃତିକ ପରିଚୟ, ଜାତୀୟ ସୁରକ୍ଷା ଏବଂ ଆର୍ଥିକ ପ୍ରତିଯୋଗିତା ବିଷୟରେ ଚିନ୍ତା ସୃଷ୍ଟି କରିଛି, ଯାହାକୁ ଦକ୍ଷିଣପନ୍ଥୀ ରାଜନେତାମାନେ ପ୍ରବାସୀ ବିରୋଧୀ ନୀତିଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ପୁଞ୍ଜି କରିଛନ୍ତି।
- ସାମାଜିକ ଗଣମାଧ୍ୟମ ଏବଂ ଧ୍ରୁବୀକରଣ: ସାମାଜିକ ଗଣମାଧ୍ୟମର ବୃଦ୍ଧି ଦକ୍ଷିଣପନ୍ଥୀ ରାଜନେତାମାନଙ୍କୁ ପାରମ୍ପରିକ ଗଣମାଧ୍ୟମ ଚ୍ୟାନେଲଗୁଡ଼ିକୁ ବାଇପାସ୍ କରି ସିଧାସଳଖ ସେମାନଙ୍କ ଆଧାର ସହିତ ସଂଯୋଗ କରିବାକୁ ସକ୍ଷମ କରିଛି, ଯାହା ରାଜନୀତିର ଧ୍ରୁବୀକରଣ ଏବଂ ଉଗ୍ରବାଦୀ ଦୃଷ୍ଟିକୋଣର ସ୍ୱାଭାବିକୀକରଣରେ ଯୋଗଦାନ କରୁଛି।

ଡାହାଣପନ୍ଥୀ ନେତାମାନଙ୍କର ଉଦାହରଣ ଏବଂ ସେମାନଙ୍କର ପ୍ରଭାବ

- ଡୋନାଲ୍ଡ ଟ୍ରମ୍ପ (ଯୁକ୍ତରାଷ୍ଟ୍ର): ଟ୍ରମ୍ପଙ୍କ ରାଷ୍ଟ୍ରପତିତ୍ୱ ଏକ ଜାତୀୟତାବାଦୀ ଏବଂ ଲୋକପ୍ରିୟ ଏଜେଣ୍ଡା ଦ୍ୱାରା ଚିହ୍ନିତ ହୋଇଥିଲା, ଯେଉଁଥିରେ କଠୋର ପ୍ରବାସନ ନୀତି, ବାଣିଜ୍ୟ ସୁରକ୍ଷାବାଦ ଏବଂ ବିଶ୍ୱବାଦର ପ୍ରତ୍ୟାଖ୍ୟାନ ଅନ୍ତର୍ଭୁକ୍ତ ଥିଲା।
- ନରେନ୍ଦ୍ର ମୋଦି (ଭାରତ): ମୋଦିଙ୍କ ପ୍ରଧାନମନ୍ତ୍ରୀତ୍ୱ ଏକ ଦୃଢ଼ ଜାତୀୟତାବାଦୀ ଏଜେଣ୍ଡା ଦ୍ୱାରା ଚିହ୍ନିତ ହୋଇଛି, ଯେଉଁଥିରେ ହିନ୍ଦୁ ଜାତୀୟତାବାଦକୁ ପ୍ରୋତ୍ସାହିତ କରିବା ଏବଂ ସଂଖ୍ୟାଲଘୁ ଗୋଷ୍ଠୀର ଅଧିକାରକୁ ସୀମିତ କରିବା ପାଇଁ ନୀତି ଅନ୍ତର୍ଭୁକ୍ତ ହୋଇଛି।
- ଜର୍ଜିଆ ମେଲୋନି (ଇଟାଲୀ): ମେଲୋନିଙ୍କ ପ୍ରଧାନମନ୍ତ୍ରୀତ୍ୱ ପ୍ରବାସୀ ପ୍ରତି କଠୋର ମନୋଭାବ ଏବଂ ଜାତୀୟତାବାଦୀ ଏବଂ ଲୋକପ୍ରିୟ ନୀତିର ପ୍ରୋତ୍ସାହନ ଦ୍ୱାରା ଚିହ୍ନିତ ହୋଇଛି।
- ଜୈର ବୋଲସୋନାରୋ (ବ୍ରାଜିଲ): ବୋଲସୋନାରୋଙ୍କ ରାଷ୍ଟ୍ରପତିତ୍ୱ ଏକ ଦୃଢ଼ ଜାତୀୟତାବାଦୀ ଏଜେଣ୍ଡା ଦ୍ୱାରା ଚିହ୍ନିତ ହୋଇଥିଲା, ଯେଉଁଥିରେ ଅର୍ଥନୈତିକ ଉଦାରୀକରଣକୁ ପ୍ରୋତ୍ସାହନ ଦେବା ଏବଂ ସଂଖ୍ୟାଲଘୁ ଗୋଷ୍ଠୀର ଅଧିକାରକୁ ସୀମିତ କରିବା ପାଇଁ ନୀତି ଅନ୍ତର୍ଭୁକ୍ତ ଥିଲା।

ପ୍ରଭାବ ଏବଂ ଚିନ୍ତା

ଡାହାଣପନ୍ଥୀ ରାଜନୀତିର ଉତ୍ଥାନ ବିଶ୍ୱ ରାଜନୀତି, ଅର୍ଥନୀତି ଏବଂ ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥାଏ। କିଛି ଚିନ୍ତାଧାରା ମଧ୍ୟରେ ଅନ୍ତର୍ଭୁକ୍ତ:

- ଗଣତାନ୍ତ୍ରିକ ନୀତିର ଅବକ୍ଷୟ: ଡାହାଣପନ୍ଥୀ ରାଜନେତାମାନେ ପ୍ରାୟତଃ ଗଣତାନ୍ତ୍ରିକ ମାନଦଣ୍ଡ ଏବଂ ପ୍ରତିଷ୍ଠାନକୁ ଚ୍ୟାଲେଞ୍ଜ କରନ୍ତି, ଆଇନର ଶାସନକୁ ଦୁର୍ବଳ କରନ୍ତି ଏବଂ ସ୍ୱେଚ୍ଛାଚାରିତାକୁ ପ୍ରୋତ୍ସାହନ ଦିଅନ୍ତି।
- ବର୍ଦ୍ଧିତ ଜେନୋଫୋବିୟା ଏବଂ ଜାତିଭେଦ: ଡାହାଣପନ୍ଥୀ ରାଜନୀତିର ଉତ୍ଥାନ ସହିତ ଜେନୋଫୋବିୟା ଏବଂ ଜାତିଭେଦପୂର୍ଣ୍ଣ ଭାଷଣବାଜି ବୃଦ୍ଧି ପାଇଛି, ଯାହା ସଂଖ୍ୟାଲଘୁ ଗୋଷ୍ଠୀ ବିରୁଦ୍ଧରେ ଉତ୍ତେଜନା ଏବଂ ହିଂସା ବୃଦ୍ଧି କରିଛି।
- ଅର୍ଥନୈତିକ ସୁରକ୍ଷାବାଦ: ଡାହାଣପନ୍ଥୀ ରାଜନେତାମାନେ ପ୍ରାୟତଃ ସୁରକ୍ଷାବାଦୀ ଅର୍ଥନୈତିକ ନୀତିକୁ ପ୍ରୋତ୍ସାହିତ କରନ୍ତି, ଯାହା ବାଣିଜ୍ୟ ଯୁଦ୍ଧ, ଆର୍ଥିକ ଅସ୍ଥିରତା ଏବଂ ବିଶ୍ୱ ସହଯୋଗ ହ୍ରାସ କରିପାରେ।

ଶେଷରେ, ଡାହାଣପନ୍ଥୀ ରାଜନୀତିର ଉତ୍ଥାନ ଏକ ଜଟିଳ ଏବଂ ବହୁମୁଖୀ ଘଟଣା, ଯାହା ଆର୍ଥିକ ଅସୁରକ୍ଷା, ପ୍ରବାସନ ଏବଂ ସାମାଜିକ ଗଣମାଧ୍ୟମ ସମେତ ବିଭିନ୍ନ କାରଣ ଦ୍ୱାରା ପରିଚାଳିତ। ଡାହାଣପନ୍ଥୀ ନେତାମାନେ ଗତି ପାଇବା ଜାରି ରଖିଥିବାରୁ, ସେମାନଙ୍କ ଉତ୍ଥାନ ସହିତ ଜଡିତ ପ୍ରଭାବ ଏବଂ ଚିନ୍ତାକୁ ବୁଝିବା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ, ସାମାଜିକ ସଂହତି ଏବଂ ଆର୍ଥିକ ସ୍ଥିରତାକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଜରୁରୀ।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

# ଦୁର୍ନୀତିର କାୟା

ଦେଶରୁ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଆଇନ ଯେତିକି ଯେତିକି କଠୋର ହେଉଛି, ଦୁର୍ନୀତି ସେତିକି ସେତିକି କାୟା ବିସ୍ତାର କରିଚାଲିଛି। ଏହାର ସତ୍ୟତାକୁ ଟ୍ରାନସପରେନସ୍ ପକ୍ଷରୁ ୨୦୨୪ରେ ପ୍ରକାଶିତ ରିପୋର୍ଟ ପ୍ରତିପାଦିତ କରିଛି। ଟ୍ରାନସପରେନସ୍ ଇଣ୍ଟର ନ୍ୟାଶନାଲ ପକ୍ଷରୁ ୧୮୦ ରାଷ୍ଟ୍ରରେ ଦୁର୍ନୀତି ନେଇ ପ୍ରସ୍ତୁତ ରିପୋର୍ଟ-୨୦୨୪ରେ କରେପସନ ପରସେପସନ ଇଣ୍ଡେକସ (ସିପିଆଇ)ରେ ଭାରତର ର୍ୟାଙ୍କ ୯୬ ରହିଛି। ୨୦୨୨ରେ ଭାରତ ୮୫ ର୍ୟାଙ୍କରେ ଥିବାବେଳେ କରେପସନ ସ୍କୋର ଥିଲା ୪୦। ୨୦୨୪ରେ ଏହି ସ୍କୋର ୩୮କୁ ହ୍ରାସ ପାଇଛି। ଟ୍ରାନସପରେନସ୍ ତା'ର ରିପୋର୍ଟରେ ଉଲ୍ଲେଖ କରିଛ ଯେ, ସରକାରୀ କାର୍ଯ୍ୟାଳୟରେ କାମ ହାସଲ ପାଇଁ ୪୦ପ୍ରତିଶତରୁ ଊର୍ଦ୍ଧ୍ୱ ଭାରତୀୟ ଉତ୍କୋଚକୁ ଏକ ମାଧ୍ୟମ ଭାବେ ଗ୍ରହଣ କରିଥାନ୍ତି, କିମ୍ବା କାମ ବଦଳରେ ସେମାନଙ୍କ ଠାରୁ ଲାଞ୍ଚ ଦେବା ପାଇଁ ଦାବି କରାଯାଇଥାଏ। ଲାଞ୍ଚ ନଦେଲେ ଫାଇଲ ଘୁଞ୍ଚେନାହିଁ କି, କାମ ହୁଏ ନାହିଁ, ଏଭଳି ମତ ଦେଇଛନ୍ତି ୪୦ପ୍ରତିଶତ ଭାରତୀୟ। ଦୁର୍ନୀତି ନେଇ ଦେଶରେ ରାଜନୈତିକ ସ୍ତରରେ ସର୍ବଦା କୋଳାହଳ, ନେତାମାନଙ୍କର ତୁମ୍ବିତୋଫାନ ଭାଷଣ ଲାଗି ରହିଥିଲେ ମଧ୍ୟ ଏହା ସଂକ୍ରାମକ ରୋଗ ଭଳି ମାଡି ଚାଲିଛି। ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ବାରମ୍ବାର କଡା ଚେତାବନୀ ଦେଇଥିଲେ ମଧ୍ୟ ତାର ପ୍ରଭାବ ପଡୁନାହିଁ। କିନ୍ତୁ ଦୁର୍ନୀତି ପାଇଁ ଭାରତରେ ଶାସନ କ୍ଷମତା ପରିବର୍ତ୍ତନ ଘଟିଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର। ଏବେ ଦୁର୍ନୀତିଗ୍ରସ୍ତଙ୍କ ବିରୁଦ୍ଧରେ ସିବିଆଇ, ଇଡି ପରି କେନ୍ଦ୍ରୀୟ ସଂସ୍ଥା ଏବଂ ରାଜ୍ୟସ୍ତରରେ କ୍ରାଇମବ୍ରାଞ୍ଚ ଚଢାଉ ଜାରି ରଖିଛି। ଦିନକୁ ଦିନ ଦୁର୍ନୀତିଗ୍ରସ୍ତଙ୍କ ସଂଖ୍ୟା ବଢିବାରେ ଲାଗିଥିବାବେଳେ ଜବତ ଆୟ ବହିର୍ଭୁତ ସମ୍ପତ୍ତିର ପରିମାଣ ମଧ୍ୟ ବଢିବାରେ ଲାଗିଛି। ତେବେ ପ୍ରତିପକ୍ଷ ତଥା ବିରୋଧିଦଳ ନେତାଙ୍କୁ ଜବତ କରିବା ତଥା ରାଜନୈତିକ ଫାଇଦା ପାଇଁ କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାର କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡିକୁ ଅସ୍ତ୍ର ଭାବେ ବ୍ୟବହାର କରୁଛି ବୋଲି ବିରୋଧି ଦଳଗୁଡିକ ଅଭିଯୋଗ କରିଛନ୍ତି। ଏହା ନିସନ୍ଦେହ ଯେ, ଦେଶରେ ଲାଞ୍ଚ କାରବାର, ସରକାରୀ ଅର୍ଥ ହେରଫେର, ଆତ୍ମସାତ ଯୋଗୁଁ ଦୁର୍ନୀତିର ଚେର ମାଡି ଚାଲିଛି। ଆହୁରି ମଧ୍ୟ ପିଉ ରିସର୍ଚ୍ଚ ସେଣ୍ଟର ଦ୍ୱାରା ହୋଇଥିବା ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ୬୪ପ୍ରତିଶତ ଭାରତୀୟ ଭାବନ୍ତି ଯେ, ରାଜନୈତିକ ନେତା ବ୍ୟାପକ ମାତ୍ରାରେ ଦୁର୍ନୀତିରେ ସମ୍ପୃକ୍ତ। ବୋଧହୁଏ ଏଥିରେ ବିସ୍ମିତ ହେବାର କିଛି କାରଣ ନାହିଁ। ଏହା ସତ୍ୟ ଯେ, ଦୁର୍ନୀତି କେବଳ ଭାରତରେ ସୀମିତ ରହିନାହିଁ। ଏହା ବିଶ୍ୱର ଦୁଇତୃତୀୟାଂଶ ରାଷ୍ଟ୍ରକୁ ଗ୍ରାସ କରିଛି ବୋଲି ୨୦୨୪ ସିପିଆଇ ରିପୋର୍ଟରେ କୁହାଯାଇଛି। ଦୁର୍ନୀତି ଏପରି ମାତ୍ରାରେ କାୟାବିସ୍ତାର କରିଛି ଯେ, ଯେତେ କଠୋର ଆଇନ ପ୍ରଣୟନ ହେଲେ ବି ଦୁର୍ନୀତିଗ୍ରସ୍ତଙ୍କ ଫନ୍ଦିଫିକର ନିକଟରେ ଆଇନ ଫିକା ପଡିଯାଇଛି ବୋଲି କୁହାଯାଇପାରେ। ଆମ ରାଜ୍ୟରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ବହୁ ଆଇନ ରହିଛି। ମାତ୍ର ଦୁର୍ନୀତିଗ୍ରସ୍ତଙ୍କ ସଂଖ୍ୟା ବଢିଚାଲିଛି। ନିକଟରେ ଭିଜିଲାନ୍ସର ଚଢାଉ ଏହି ସଂକେତ ପ୍ରଦାନ କରୁଛି। ଦୁର୍ନୀତିଗ୍ରସ୍ତଙ୍କ ଆୟ ବହିର୍ଭୁତ ସମ୍ପତ୍ତି ଜବତ ଆଖି ଖୋସି କରିଦେଇଛି। ନିକଟରେ କେତେକ ଇଞ୍ଜିନିୟର, ବହୁ ସଂସ୍ଥାର ପରିଚାଳନା ଘର ଓ କାର୍ଯ୍ୟାଳୟ ଉପରେ ଭିଜିଲାନ୍ସ ଚଢାଉ କରି କେବଳ କୋଟି କୋଟି ଟଙ୍କାର ବେନାମୀ ସମ୍ପତ୍ତି ନୁହେଁ, ନଗଦ କୋଟି କୋଟି ଟଙ୍କା, ସୁନାଗହଣା ଜବତ ଘଟଣା ଜନସାଧାରଣଙ୍କୁ ତାଜୁବ କରିଦେଇଛି। ଗୋଟିଏ ପଟେ ଦୁର୍ନୀତିଗ୍ରସ୍ତଙ୍କ ସଂଖ୍ୟା ବଢିଚାଲିଥିବାବେଳେ ସେହି ଅନୁପାତରେ ଅଭିଯୁକ୍ତଙ୍କ ପ୍ରତି ଦଣ୍ଡବିଧାନ ହେଉନାହିଁ। ଆଇନର ଗଳାବାଟରେ ସେମାନେ ନିର୍ଦ୍ଦୋଷରେ ଖଲାସ ହୋଇଯାଉଛନ୍ତି। ପ୍ରତି ୧୦ ଜଣରେ ମାତ୍ର ୩ ପ୍ରତିଶତ ଭିଜିଲାନ୍ସ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହେଉଥିବା କୁହାଯାଏ। କେବଳ ଏତିକି ନୁହେଁ, ବିଚାର ପ୍ରକ୍ରିୟାର ମନ୍ଥରତା ଆଉ ଏକ କାରଣ ବୋଲି କୁହାଯାଇପାରେ। ଏହା ନିସନ୍ଦେହ ଯେ, ଦୁର୍ନୀତି ବିରୁଦ୍ଧରେ ନିଜେ ସଚେତନ ନହେବା ପର୍ଯ୍ୟନ୍ତ, ଏହା କମିବି ନାହିଁ କି ଏହାକୁ ନିରାକରଣ କରାଯାଇପାରିବ ନାହିଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଆତ୍ମହରା

**ଶରତ ଦାଶ**



ହୃଦୟରୁ ଖସି ମନେ ଗଲା ବସି
ସ୍ମୃତି ଯେବେ ଅତୀତର
ଧାର ଧାର ହୋଇ ବହିଗଲା ଆପେ
ନୟନୁ ଲୋତକଧାର
ବିଦଗ୍ଧ ପ୍ରାଣର ଅଭେଦ୍ୟ କୋଣରୁ
ପ୍ରସ୍ରବିତ ହୋଇ ଦୁଃଖ
କରିଲା ପ୍ଲାବିତ ସମସ୍ତ ଅସ୍ତିତ୍ୱ
ଭୁଲାଇଲା ଶୋଷ ଭୋକ
ଗଗନର ତାରା ହୋଇ ଆତ୍ମହରା
ଛପିଲା ବାଦଲକୋଳେ
ଚନ୍ଦ୍ରମା ରହିଲା କାହିଁ କେତେଦୂରେ
କେଉଁ ଗିରି ଅନ୍ତରାଳେ
ଛାଇ ଅନ୍ଧାରର ଖେଳ ଆରମ୍ଭିଲା
ରାତ୍ରି ହୋଇ ରଜବତୀ
ଦିକି ଦିକି ହୋଇ ଜଳିଲା ମାନସେ
କାମନା-ଆଲୋକବତି
ଅଳକାନନ୍ଦୀର ସ୍ଥିର ଜଳରାଶି
ଜୁଆରରେ ହିଲ୍ଲୋଳିତ
ହୋଇ କୁଳୁ କୁଳୁ ନାଦରେ ମୋହିତ
କଲା ଉଦାସୀନ ଚିତ୍ତ
ଅମରାବତୀରୁ ଆସିଲେ ଓହ୍ଲାଇ
ଅନେକ ସୁନ୍ଦରୀ ପରୀ
ଶୀତଳ ପବନେ ହୋଇ ପୁଲକିତ
ନୃତ୍ୟ କଲେ ଥିରି ଥିରି
କଳ୍ପନା - ବିହଙ୍ଗ ଉଡ଼ିଲା ଆକାଶେ
ବିସ୍ତାରି ଶବଦ ପକ୍ଷ
ହେଲା ମୁଖରିତ ଭାଷାର ଆକାଶ
କବିତାରେ ଭରି କକ୍ଷ
ଦୁଃଖ କଷ୍ଟ ସର୍ବ ହେଲା ଅପସୃତ
ହେଲେ ହେଉ କିଛି କ୍ଷଣ
ଆନନ୍ଦେ ବୁଡିଲା ମନପ୍ରାଣ ତନୁ
ଭାବନାରେ ହୋଇ ଲୀନ
ଉଆଁସ ଅନ୍ଧାରେ ଚନ୍ଦ ଉଇଁଲା
ମନର ଆକାଶ କୋଳେ
ଅମୃତର ଅନୁଭବ ପ୍ରସରିଲା
ନିଶାର୍ଦ୍ଧରେ ଅବହେଳେ
କେତେ ମଧୁମୟ କେତେ ଅନୁପମ
ଭାବନା କଳ୍ପନା ସ୍ୱର୍ଶ
ମୋହନ କରୁଣା ଜୀବନରେ ଊଣା
ହେଲେ ବୃଥା ମାସ ବର୍ଷ ।

*ଭୁବନେଶ୍ୱର*

# ଅତୀତ

**ପ୍ରଶାନ୍ତ ବ୍ରହ୍ମା**



ସତେ ହଜି ଯାଇଅଛି ସେ ଅନେକ
ଖୋଜିଲେ ମିଳିଲା ନାହିଁ
ମନେ ପଡିଗଲେ ସେଦିନର କଥା
ଆକାଶକୁ ରହେ ଚାହିଁ

ସତେ ଆସନ୍ତା ଫେରି ସେଦିନ ସବୁ
ଯାଆନ୍ତି ସେଥିରେ ଭିଜି
ସମୟ ବାହୁରେ ବଦଳି ଯାଇଛି
ଅନେକ ଗୁଡ଼ାଏ ହଜି

ଆଜିବି ଖୋଜୁଛି ଅତୀତକୁ ଝୁରି
ମନରେ ଭରି କଳ୍ପନା
ଅତୀତକୁ ଖୋଜି ଝୁର୍ଣ୍ଟେ ସିନା ପରା
ତଥାପି ରହେ ଭାବନା

ସତରେ ଫେରିବ କି କଣ ସେ ଦିନ
କାହିଁ ମନେ ଲାଗେ ନାହିଁ
ଯଦି ହୁଅନ୍ତା ଏପରି ସେ ସମୟ
କିଛି ବଦଳିବ ନାହିଁ ।

*ପଳାଶପୁର, ଖୋର୍ଦ୍ଧା*

# ବେଳଟେ ଥାଏ

**ପ୍ରତିଭା ପରିଡ଼ା**



ବେଳଟେ ଥାଏ କି
ଜହ୍ନ ଉକୁଟି ଆସିବାର ?
ବେଳଟେ ଥାଏ କି
ପଥର ସନ୍ଧିରୁ ଝର ଝରି ଆସିବାର ?
ପୁଣି ବେଳଟେ ଥାଏ କି
କଢି ମୁକୁଳିଯିବାର ?

ବେଳଟେ ଥାଏ କି
ବାଟ ଖୋଜି ମିଳିଯିବାର ?
ବେଳଟେ ଥାଏ କି
ବାଟବଣା ହୋଇ ଝୁଣ୍ଟିପଡିବାର ?
ବେଳେ ଥାଏ କି
କ୍ଷେତ ପହ୍ନେଇଯିବାର ?

ପୁଣି ବେଳଟେ ଥାଏ କି
କ୍ଷେତ ଉଜୁଡି ଯିବାର ?

ବେଳଟେ ଥାଏ କି
ଆକାଶରୁ ଖୁସି ଖୁସି
ତାରା ତୋଳିବାର ?
ବେଳଟେ ଥାଏ କି
ସୂର୍ଯ୍ୟ ଉଠି ଆସିବାର
ପୁଣି ସୂର୍ଯ୍ୟବୁଡି ଯିବାର ?

ବେଳଟେ ଥାଏ କି
ହୃଦୟର ଶବ୍ଦ ସବୁ ଫିଟିପଡିବାର ?
ବେଳଟେ ଥାଏ କି
ଗୋଟାପଣେ ଦେହମନରେ
ମୂକ ପାଲଟି ଯିବାର ?
ପୁଣି ବେଳଟେ ଥାଏ କି
ଆବାହନ କରୁ କରୁ
ଇପ୍ସିତ ଇଚ୍ଛାମାନେ ବିଛାଡି ପଡିବାର ?

ବେଳଟେ ଥାଏ କି
ପୃଥ୍ୱୀ ବିସ୍ତାରି ଯିବାର ?
ବେଳଟେ ଥାଏ କି
ଅଧାବାଟେ ମଣିଷଟି
ଛାଇ ପାଲଟି ଯିବାର ?

ବେଳଟେ ଥାଏ କି
ଯଜ୍ଞ ବେଦୀରେ ନିଜକୁ
ଆହୂତି ଦେବାର ?
ବେଳଟେ ଥାଏ କି
ବାଇଶି ପାହାଚ ବେଢାରେ
ରକ୍ତ ମନ୍ଦାର ଛୁଆଁରେ
ନିଜକୁ ସମର୍ପି ଦେବାର ?
ପୁଣି ବେଳଟେ ଥାଏ କି
କରୁଣା ଓ ଓମ୍କାରର ମହିମାରେ
ବିଭୋର ହୋଇ ପଡିବାର ?

ବେଳଟେ ଥାଏ...
ଥାଏ ଥାଏ,
ସବୁ ଥାଏ...
ଅହରହ ଯାତ୍ରା ଚାଲିଥାଏ
ଅହରହ ଦୃଶ୍ୟ ବଦଳୁଥାଏ ।

*ପାର୍କ ପାରାଡାଇଜ କଲୋନୀ, ରଘୁନାଥପୁର, ନନ୍ଦନକାନନ ରୋଡ଼,*
*ଭାୟା-କିଟ୍ ଛକ, ଭୁବନେଶ୍ୱର- ୭୫୧୦୨୪*
*ମୋ- ୮୯୧୭୬୦୩୪୪୨*

# ମନ ବସନ୍ତ

**ସୁଜିତ କୁମାର ମିଶ୍ର**

ଦେଖ କୋଇଲିର ମଧୁ କୁହୁତାନେ ବସନ୍ତର ଆଗମନ,
ଫଗୁଣ ଫୁଲର ଶୋଭାର ସମ୍ଭାର ପ୍ରୀତିଭରା ସମ୍ମୋହନ
ମନ୍ଦ୍ର ମନ୍ଦ୍ର ବହେ ମଳୟ ପବନ ମଉନ ପ୍ରୀତିର ମୋହ,
ଆପଣାପଣର ପ୍ରୀତି ଅଭିସାରେ ଅନୁରାଗ ବାରିବାହ

ମନ କୁଞ୍ଜବନ ନାଚୁଛି ଗାଉଛି ମୋହନ ବଂଶୀର ଭାବେ,
ଆତୁର ଛାତି ସେ ଆଳାପରତ ଯେ ଅନୁପମ ବଇଭବେ
ଚହାଣୀ ନଈରୁ ଝରୁଛି ସଧୀରେ ଚୋରା ଚଇତାଳି ରଙ୍ଗ,
ଋତୁର ରୋଷଣୀ ଛୁଆଁରେ ଚମକେ ରସକଲ୍ଲୋଳର ରାଗ

ସପନ ପ୍ରବଣ ଆଖିର ଲୋତକ ସମର୍ପିତ ପ୍ରଣୟର,
ହୃଦୟର ଚିଠି କେତେ ଭିଜୁଥାଏ ହୋଇ ଅନ୍ତରଙ୍ଗ ଝର
ବିଜନ ବେଳାର ମନୋରମ ସଂଧ୍ୟା ବିମଣ୍ଡିତ କୋଳାହଳ,
ଛଳଛଳପଣ ସାଗର ସୁଅରେ ଛାତିତଳ ଭିଜାବେଳ

ମନ ବସନ୍ତର ସରାଗ ଅଙ୍ଗନେ ମୁକୁଳିତ ଆବାହନୀ,
ବ୍ୟାକୁଳ ଓଠକୁ ଛୁଇଁ ଛୁଇଁ ଯାଏ ଭାବମୟୀ ମନ୍ଦାକିନୀ ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

# ଜଳ ...

**ଲତିକା ବିଳାସ**



ପାହାଡ଼ ଫଟେଇ ଟିକି ଝରଣାଟି
ଓହ୍ଲାଇ ଆସୁଛି ଧୀରେ ଧୀରେ,
କେତେ ବଣ, ବିଲ, ଗାଆଁ ଗଣ୍ଡା ଛୁଇଁ
ବହି ଯାଉଅଛି ଦୂରେ ଦୂରେ

ଅମୃତ ଭଳି ତା ନିରିମଳ ଜଳ
ପରଷି ଦେଉଛି ହସି ହସି,
କୁଳୁ କୁଳୁ ଗୀତ ଶୁଣେଇ ଚାଲିଛି
ବରଷା, ବୈଶାଖ ବାରମାସୀ

ଝରଣାକୁ ମାଡ଼ି ଆସୁଛି ସହର
ଜଳଧାରା ତେଣୁ ବାଟବଣା,
ନଈ, ଝରଣା କି ପୋଖରୀ ଗାଡ଼ିଆ
ସବୁଠି କେବଳ ଆବର୍ଜନା

ଜଳ ହିଁ ଜୀବନ ଜୀବନ ହିଁ ଜଳ
ଜଳ ବିନା ଜୀବ ଛଟପଟ,
ଧାର ଧାର ଜଳ ମିଶିଲେ ସାଗର
ସାଗର ତ ଲୁଣ ବଟ ବଟ

ତିନିଭାଗ ଜଳରାଶିରେ ପୃଥିବୀ
ଗୋଟିଏ ଭାଗ ହିଁ ସ୍ଥଳଭାଗ,
ସେ ଜଳରୁ ମାତ୍ର ଭାଗଟେ ମଧୁର
ଯାହା କରୁ ଆମେ ଉପଯୋଗ

ବରଷା ଉତ୍ସ ସେ ମଧୁର ଜଳର
ଝରିପଡେ ହୋଇ ବିନ୍ଦୁ ବିନ୍ଦୁ,
ପୁରି ଯାଏ ନଈ, ଗାଡ଼ିଆ, ପୋଖରୀ
ବହିଯାଏ ବନ୍ଧ ବାନ୍ଧୁ ବାନ୍ଧୁ

ଭୂଗର୍ଭର ଜଳ ମାତ୍ରା ଯେ ସୀମିତ
ଶୁଖି ଶୁଖି ଆସେ ଜଳସ୍ତର,
ଜଳାଭାବ ଆଜି ଅନେକ ସ୍ଥାନରେ
କରୁଅଛି କେତେ ହରବର

ଭବିଷ୍ୟତ ବକ୍ତା କୁହନ୍ତି, ଆଗାମୀ
ବିଶ୍ୱଯୁଦ୍ଧ ଯଦି କେବେ ହେବ,
ସେଥିପାଇଁ ଏଇ ଜଳର ସମସ୍ୟା
କେଉଁଠି ନିଶ୍ଚୟ ଦାୟି ଥିବ

ସେଥିପାଇଁ ଆସ ସମୟ ପୂର୍ବରୁ
ଖୋଜିନେବା ଆଶୁ ସମାଧାନ,
ଟୋପେ ଟୋପେ ଜଳ ସଂରକ୍ଷଣ ପାଇଁ
ସର୍ବେ ମିଳିମିଶି ନେବା ପଣ ।

*ଭଟଲି ଛକ, ବରଗଡ*

# ବସନ୍ତ ପରଶେ ଫଗୁଣ ହସେ


**କବିରତ୍ନ ନୂତନ କୁମାର ବେହେରା**



ରମଣୀୟା ନବ ଲଳନା ଅନିନ୍ଦ୍ୟା ସୁନ୍ଦରୀ ସମ
ରୂପ ରଙ୍ଗର ବର୍ଣ୍ଣଛଟାରେ ଲାବଣ୍ୟ ଫୁଟାଇ
ଋତୁରାଜ ବସନ୍ତର ପରଶେ ଫଗୁଣ ହସେ
ପତ୍ରଝଡ଼ା ତରୁଲତା ସବୁ ହୁଅନ୍ତି ପଲ୍ଲବିତ
କକ୍ଷର କଳିକା ଫୁଟି ଉଠନ୍ତି ପାଖୁଡ଼ା ମେଲି
ମଧୁ ମହକ ବିତରି ଜନମନକୁ ନିଅନ୍ତି ଆକର୍ଷି
ଝରି ଝରି ପଡ଼େ ପ୍ରେମ ପ୍ରୀତିର ଅମିୟ
ପ୍ରତିଟି ହୃଦୟ ତନ୍ମୟେ ନାଚେ ଛନ୍ଦ ତୋଳି
ସହକାର ଡ଼ାଳେ ଡ଼ାଳେ ମୁକୁଳ ହୁଏ ମୁକୁଳିତ
ଶୋଭାର ଶିରୀ ଭରି ନିଏ ମନକୁ ହରି
ମଧୁପର ମୃଦୁ ଗୁଞ୍ଜନେ ସାତସୁରର ରାଗିଣୀ
ଆବେଗେ ଫୁଲରାଣୀ ସାଜେ ଅଭିସାରିକା
ତନୁଲତାରେ ଉନ୍ମାଦ ଆଣେ ମତୁଆଲା ମଳୟ
ନିଦ୍ରିତର ସ୍ୱପ୍ନ ଜାଗ୍ରତର ଆଶା କରାଏ ଭାବୁକ
ବିରହୀ ଜନ ମାନସରେ ଖେଳେ ଭାବର ଢ଼େଉ
ପ୍ରେମିକ ବସନ୍ତ ପରଶେ ଫଗୁଣ ହସେ
ପ୍ରାଚୁର୍ଯ୍ୟର ପ୍ରାବଲ୍ୟରେ ଐଶ୍ୱର୍ଯ୍ୟର ଦିବ୍ୟକାନ୍ତି
ପ୍ରକୃତିର ପ୍ରତିଭା ବିକାଶିତ କରେ ତାର ପ୍ରଭା
କୋଇଲିର କୁହୁକ କୁହୁ ତାନେ ହୁଏ ପ୍ରତିଧ୍ୱନିତ
ମାଙ୍ଗଳିକ ବାଦ୍ୟ ବାଜେ ସାହାନାଇଁ ସାଥେ
ସାଂସାରିକ ସଂପର୍କ ପବିତ୍ର ବନ୍ଧନେ ହୁଏ ବନ୍ଧା
ଜୀବନର ତମସାକୁ କରିବାକୁ ପରାହତ
ମହାଶିବରାତ୍ରିର ଶୁଭବେଳାରେ ଜାଗର ଜାଳି
ଶ୍ରଦ୍ଧାଳୁ ଭକତ ଭକ୍ତିର ନୈବେଦ୍ୟ କରେ ଅର୍ପଣ
ଆଲୋକିତ ହୁଏ ଚେତନା ଜ୍ଞାନର ମହାଦୀପେ
ରଙ୍ଗରେ ରଙ୍ଗାଇବାକୁ ଭୁବନ ଆସେ ହୋଲି
ଅପ୍ରାକୃତ ପ୍ରେମର ପ୍ରତୀକ ଶ୍ରୀରାଧାକୃଷ୍ଣ ବେନି
ପୂଜା ଅର୍ଚ୍ଚନାରେ ଭକ୍ତି ସ୍ତୋତ୍ର ହୁଏ ମୁଖରିତ
ଜୀବନ ଖୋଜିପାଏ ସୁଖ ଶାନ୍ତି ଆନନ୍ଦର ମାର୍ଗ
ଧରାରେ ପ୍ରବାହିତ ହୁଏ ସରସ ଜୀବନଧାରା
ରସିକ ଋତୁରାଜ ବସନ୍ତ ପରଶେ ଫଗୁଣ ହସେ ।

*କୋହି, ବାରିପଦା, ମୟୂରଭଞ୍ଜ*
*ଦୂରଭାଷା-୮୦୧୮୩୫୩୩୨୨*

# ଜୋର ଯାର ମୁଲକ ତାର



ଅଧ୍ୟାପିକା ବସନ୍ତ ମଞ୍ଜରୀ ମିଶ୍ର



ନିମ୍ବ ଦାନ୍ତକାଠିଟା କାମୁଡି କାମୁଡି ଟିକେ ଛାପ ତଳେ ଥୁକି ଦେଇ ପଚାରିଲା ମଙ୍ଗୁଲୁ, ଆଜି ଆମ ଗାଁରେ କଣ ହେଉଛି କି ସନା ଭାଇ । ଏତେ ଗାଡି ମଟର ।

ଓଦା ଲୁଙ୍ଗିକୁ ତୁଠ ପଥର ଉପରେ ରଖି ସେଥିରେ ସାବୁନ୍ ଘଷି ଘଷି ଉତ୍ତର ଦେଲା ସନା, ତୁ ଜାଣିନୁ କି, ଆଜି ପରା ସମାଜ ସେବୀ ନାରାୟଣ ବାବୁ ଆମ ଗାଁକୁ ଆସୁଛନ୍ତି । ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରିବାକୁ । ତାଙ୍କୁ ସହଯୋଗ କରିବାକୁ କେତେ ନାମୀ ଦାମୀ ଲୋକ ବି ଆସୁଛନ୍ତି ପା ।

ତାଚ୍ଛଲ୍ୟ ଭରା କଣ୍ଠରେ ମଙ୍ଗୁଲୁ କହିଲା, ଓହୋ ଏମିତି କଥା ଆଉ କ୍ୟାମେରା ବାଲା ଆସୁଛନ୍ତି କି ନାହିଁ, ଫୋଟୋ ଉଠେଇ ସୋସିଆଲ୍ ମିଡ଼ିଆରେ ଅପ୍‌ଲୋଡ଼ କରି ବାହବା ସାଉଁଟିବାକୁ ।

-ବୁଝିଲୁ ମଙ୍ଗୁଲୁ ତୋର ସବୁ କଥାରେ କେରିକେଚର । ଆରେ.... ଇଏ ଜଣେ ଭଲ ଲୋକ ବୋଲି କହୁଛନ୍ତି ସମସ୍ତେ । ଦୁଃଖି ଦରିଦ୍ରଙ୍କ ପାଇଁ ତାଙ୍କର ବହୁତ ଦୟା । ଆଜି ସନ୍ଧ୍ୟାରେ ସେ ଗ୍ରାମବାସୀଙ୍କୁ ଉଦ୍‌ବୋଧନ ବି ଦେବାର କାର୍ଯ୍ୟକ୍ରମ ରହିଛି । ତାପରେ ସମସ୍ତଙ୍କ ପାଇଁ ରାତ୍ରିଭୋଜନର ବ୍ୟବସ୍ଥା ମଧ୍ୟ ଅଛି ।

ଟିକେ ରହି ମଙ୍ଗୁଲୁ କହିଲା, ତୁ ଜାଣିନୁ କି ସନା ଭାଇ ଆଜିର ଦୁନିଆରେ ଲୋକଙ୍କୁ ଭକୁଆ ବନେଇବା ପାଇଁ ଦୁଇଟି 'ଭ' ଦରକାର ପରା ।

ଭୂଲତା ଉଠେଇ ସନା କହିଲା, ଦୁଇଟି 'ଭ' କ'ଣ କିରେ...

ଚଟ୍‌କିନା ଉତ୍ତର ଦେଲା ମଙ୍ଗୁଲୁ, ଗୋଟିଏ 'ଭ'ରୁ ଭାଷଣ । ଆଉ ଗୋଟିଏ 'ଭ'ରୁ ଭୋଜି ।

ହସି ହସି ସନା କହିଲା, ଓହୋ ମଙ୍ଗୁଲୁ...... ସବୁ କଥାରେ ଗୋଟେ କେଁ ବାହାର କରିବା ତୋର ଅଭ୍ୟାସ ହୋଇ ଗଲାଣି ଦେଖୁଛି ।

ତାକୁ ବୁଝେଇବାକୁ ଯାଇ ମଙ୍ଗୁଲୁ କହିଲା, ଆରେ ଭାଇ, ଜୀବନରେ ଅନେକ ଲୋକଙ୍କ ସହ ମିଶିଛି, ଭଲ ମଣିଷ ଭାବି ଶ୍ରଦ୍ଧା ଓ ସମ୍ମାନ କରିଛି କିନ୍ତୁ ପରବର୍ତ୍ତୀ ସମୟରେ ସେମାନେ ମୋ ପାଇଁ ମହାକାଳ ଫଳ ସଦୃଶ ପ୍ରତୀୟମାନ ହୋଇଛନ୍ତି, ସେଥିପାଇଁ ମନରେ ଅନେକ କ୍ଷୋଭ । ତୋତେ ନିଜର ଭାବୁଛି ବୋଲି କହିଦେଲି ନା । ହଉ ସନ୍ଧ୍ୟାରେ ଭେଟା ଭେଟି ହେବା ।

ନିର୍ଦ୍ଦିଷ୍ଟ ସମୟରେ ସଭା କାର୍ଯ୍ୟ ଆରମ୍ଭ ହେଲା । ସଭାପତି ସମ୍ୟକ୍ ସୂଚନା ଦେବା ପରେ ମୁଖ୍ୟ ବକ୍ତା ନାରାୟଣ ବାବୁ ସୁନ୍ଦର ଅଭିଭାଷଣ ରଖିଲେ । ସର୍ବ ପ୍ରଥମେ ମାତୃ ଦିବସ ଅବସରରେ ସମସ୍ତ ମା' ଭଉଣୀ ମାନଙ୍କୁ ଅନେକ ଶୁଭ କାମନା ଜଣେଇବା ସହିତ ଆରମ୍ଭ କଲେ । ଅତ୍ୟନ୍ତ ଭାବ ଗର୍ଭକ ବକ୍ତବ୍ୟ ଯେ କୌଣସି ଲୋକ ଅସୁବିଧାରେ ପଡ଼ିଥିଲେ, ତାପାଇଁ ତାଙ୍କ ଦ୍ୱାର ସର୍ବଦା ଉନ୍ମୁକ୍ତ ବୋଲି ସର୍ବ ସମ୍ମୁଖରେ ଘୋଷଣା କଲେ ସେ । କରତାଳିରେ ପ୍ରକମ୍ପିତ ହେଲା ସଭା ମଣ୍ଡପ ।

ବିରାଟ ଭୋଜିର ବି ଆୟୋଜନ ହୋଇଥିଲା । ଭୋଜି ଖାଇବା ସମୟରେ ମଙ୍ଗୁଲୁକୁ ଦେଖି ସନାଭାଇ କହିଲା, ଦେଖିଲୁ ତ... କେତେ ବଢ଼ିଆ ଲୋକ ସିଏ । ଏତେ ସୁନ୍ଦର ଭାବଗର୍ଭକ ଭାଷଣ ତାଙ୍କର । ଆଜି ଆମେ ଯେତେ ସବୁ ଖିଆପିଆ କରୁଛନ୍ତି ସବୁ ସେ କରିଛନ୍ତି । ଭାରି ଉଦାରଶୀଳ ବ୍ୟକ୍ତିତ୍ୱ ସତରେ ।

ଖିରି ଚାମଚଟାଏ ପାଟିକୁ ନେଇ ଜିଭକୁ ଉପର ଓଠ ଉପରେ ବୁଲେଇ ଆଣୁ ଆଣୁ ମୁଣ୍ଡ ଟୁଙ୍ଗାରି ମଙ୍ଗୁଲୁ କହିଲା, ହଁ ସନା ଭାଇ, ତୁ ଠିକ୍ କହିଛୁ । ଆଜିକାଲି ସବୁ ଆଡେ ନକଲି ସମାଜ ସେବକ ତଥା ନେତା ମାନଙ୍କୁ ଦେଖି ଦେଖି ମୋର ଭଲ ଲୋକଙ୍କ ଉପରୁ ବି ଆସ୍ଥା ତୁଟି ଯାଉଛି, କ'ଣ ଆଉ କରିବି କହିଲୁ ।

ଯଥା ସମୟରେ ସଭା କାର୍ଯ୍ୟ ସମାପନ ପରେ ନାରାୟଣ ବାବୁ ଗ୍ରାମବାସୀଙ୍କ ଠାରୁ ବିଦାୟ ନେଲେ । ମଙ୍ଗୁଲୁ ଭାବୁଥିଲା, କେତେ ଉଦାରଶୀଳ ବ୍ୟକ୍ତିତ୍ୱ ଏହି ନାରାୟଣ ବାବୁ । ତାଙ୍କ କଥାରେ ସତେକି ଯାଦୁ ରହିଛି । ଘରକୁ ଫେରି ତା ମା'କୁ ସବୁ କହିଲା ମଙ୍ଗୁଲୁ ।

ନିରୀହ ଅପାଠୁଆ ମା'ଟି ତା କଥାକୁ ହୁଁ ହୁଁ କରି ସବୁ ଶୁଣୁଥାଏ । କଥା ମଝିରେ କହିଲା, ହଁରେ ମଙ୍ଗୁଲୁ, ତୁ ସତ କହିଲୁ, କେତେ ସୁନ୍ଦର କଥା ସବୁ କହିଲେ ସେ । ହେଲେ ଆମ ଗରିବ ମଲି ମୁଣ୍ଡିଆଙ୍କୁ ପଚାରେ କିଏ ? ଆମ ଦୁଃଖ ବୁଝୁଛି ବା କିଏ ?

ମା'କୁ ଖୁସି କରିବାକୁ ମଙ୍ଗୁଲୁ କହିଲା, ହଁ ଲୋ ମା', ଆମ ଗାଁର ଉନ୍ନତି ପାଇଁ ସେ ପଚାଶ ହଜାର ଟଙ୍କା ଆମ ୱାର୍ଡ ମେମ୍ବର ମଧୁଭାଇକୁ ଦେଇଛନ୍ତି ପା । ମଧୁ ଭାଇ ମଞ୍ଚ ଉପରକୁ ଯାଇ ଟଙ୍କା ଗ୍ରହଣ କଲାବେଳେ ଆମେ ସମସ୍ତେ ଖୁସିରେ ଜୋର୍‌ରେ ତାଳି ମାରି ଧନ୍ୟବାଦ ଜଣେଇଲୁ ପରା । ସେ କହିଛନ୍ତି ଗାଁର ବିଭିନ୍ନ ବିକାଶ ମୂଳକ କାମରେ ଏଇ ଟଙ୍କା ଖର୍ଚ୍ଚ କରି ତା ହିସାବ ଦେଲେ ସେ ଆହୁରି ଟଙ୍କା ଦେବେ ଲୋ ମା' ।

ସବୁ ଶୁଣି ତା ମା' କହିଲା, ତୁ ଗୋଟେ କାମ କର ମଙ୍ଗୁଲୁ ତୁ ଦିନେ ସହରକୁ ଯାଇ ନାରାୟଣ ବାବୁଙ୍କୁ ଦେଖା କର । ଚାକିରି ଖଣ୍ଡିଏ ଯୋଗାଡ଼ କରିଦେବା ପାଇଁ ତାଙ୍କ ଗୋଡ଼ ହାତ ଧରି ନେହୁରା ହଅ ।

ମା'ର କଥା ଟା ମଙ୍ଗୁଲୁର ମନକୁ ପାଇଲା । ତା ପରଦିନ ସକାଳୁ ଗାଧୋଇ ପଧୋଇ ମନ୍ଦିରକୁ ଯାଇ ଠାକୁରଙ୍କ ପାଦ ତଳେ ସାଷ୍ଟାଙ୍ଗ ପ୍ରଣିପାତ କରି, ମା'ର ପାଦ ଛୁଇଁ ବାହାରିଲା ସହର ଅଭିମୁଖେ । ତେଲ ମାରି ସୁନ୍ଦା ପକାଇ ମୁଣ୍ଡ କୁଣ୍ଡେଇ, ସଫା ସାର୍ଟ ପେଣ୍ଟ ପିନ୍ଧି ବାହାରିଲା ମଙ୍ଗୁଲୁ । ତା ମା' ତା ପାଇଁ ବାଢି ଦେଲା ବାସି ପଖାଳ ଆଉ ବାଡ଼ିର ପାଳ ବାଇଗଣ ପୋଡା । ପରମ ତୃପ୍ତିରେ ଭାତ କଂସାକ ଖାଇଦେଇ ଅଡ଼ି ମାରି ବାହାରିଲା ମଙ୍ଗୁଲୁ ଷ୍ଟେସନ୍ ଅଭିମୁଖେ ।

କୌଣସି ମତେ ଟ୍ରେନ୍ ଟା ମିଳିଗଲା ତାକୁ । ଝରକା ଦେଇ ବାହାରକୁ ଚାହୁଁ ଚାହୁଁ ତା ମନ ବି ଉଡିବାକୁ ଲାଗିଲା ଖୁବ୍ ଦ୍ରୁତ ଗତିରେ । ଠିକ୍ ରାସ୍ତା କଡ଼ର ଗଛ ମାନଙ୍କ ଗତି ଭଳି ଆଉ ସେଇ ସ୍ୱପ୍ନରେ ସେ ଦେଖିଲା, ସେ ବାବୁ ହୋଇଯାଇଛି ଆଉ ତ ମା' ବାବୁଙ୍କ ମା' ହିସାବରେ ଢେର୍ ସମ୍ମାନ ପାଉଛି ।

ସହରରେ ପହଞ୍ଚି ସରକାରୀ ବସ୍‌ରେ ବସି ନାରାୟଣ ବାବୁଙ୍କ ଘର ପାଖ ଛକରେ ଓହ୍ଲେଇଲା ବେଳକୁ ପ୍ରାୟ ସନ୍ଧ୍ୟା ହୋଇଯାଇଥାଏ । ବାହାର ଚାକଚକ୍ୟ, ଆଉ ଏତେ ବଡ କୋଠା ଘର ଦେଖି ବହୁତ ଖୁସି ହୋଇଗଲା ମଙ୍ଗୁଲୁ । ଫାଟକ ପାଖରେ ଠିଆ ହୋଇଥିବ ଦରୱାନ୍‌କୁ ପଚାରିଲା, ଆଜ୍ଞା ମୁଁ ମଙ୍ଗୁଲୁ, କୁନ୍ଦନଦେଇପୁରରୁ ଆସିଛି । ମୋତେ ନାରାୟଣ ବାବୁଙ୍କୁ ଟିକେ ଦେଖା କରିବାକୁ ଅଛି ।

ରୁକ୍ଷ କଣ୍ଠରେ ଦରୱାନ୍ କହିଲା, କାଲି ସକାଳେ ଆସ । ଏବେ ସାତଟା ବାଜିଲାଣି । ସାକ୍ଷାତ ସମୟ ଅତିକ୍ରମ ହୋଇଗଲାଣି । ଆଉ ଦେଖା ହୋଇପାରିବନି ।

ବ୍ୟସ୍ତ ହୋଇପଡ଼ିଲା ମଙ୍ଗୁଲୁ । ଏତେ ରାତି ହୋଇ ଗଲାଣି, କୁଆଡେ ଯିବ ଏଇଲେ । ସକାଳ ହେବା ପର୍ଯ୍ୟନ୍ତ ତାକୁ ଅପେକ୍ଷା କରିବାକୁ ପଡିବ । ତାର ପୂର୍ଣ୍ଣ ବିଶ୍ୱାସ, ଅସହାୟର ସାହା ହେଉଥିବା ନାରାୟଣ ବାବୁ ତାକୁ କେବେ ହେଲେ ନିରାଶ କରିବେନି । କିଛି ଉପାୟ ନ ପାଇ ବଙ୍ଗଳା ବାହାରେ ଥିବା ଗୋଟିଏ କାଠ ବେଞ୍ଚରେ ନିଜ ବ୍ୟାଗ୍‌ଟି ରଖି ବସି ରହିଲା ସେ । ସେଇଠି ବସୁ ବସୁ କେତେବେଳେ ଆଖି ଲାଗି ଯାଇଛି ଜଣାନାହିଁ ତାକୁ । ସ୍ୱପ୍ନରେ ତାର ଆଶା ସବୁ ରଙ୍ଗୀନ ହୋଇ ଇନ୍ଦ୍ରଧନୁର ଭ୍ରମ ସୃଷ୍ଟି କରୁଥାନ୍ତି ।

ହଠାତ୍ ଖୁବ୍ ଜୋର୍‌ରେ ପାଟିତୁଣ୍ଡ ଶୁଣି ତା ନିଦ ଭାଙ୍ଗିଗଲା । ଚାରି ଆଡକୁ ଚାହିଁଲା, କାଇଁ କେହି କେଉଁଠି ତ ଦେଖାଯାଉନାହାନ୍ତି । ଆଖି ମଳି ମଳି କାନ ଡେରି ଶୁଣିବାକୁ ଚେଷ୍ଟା କଲା ।

ଏ ତ ନାରାୟଣ ବାବୁଙ୍କ ସ୍ୱର ! ଭାବିଲା, ସେ ଆସିଛି ବୋଲି ଜାଣି ପାରିଲେ ବୋଧେ । ସେଥିପାଇଁ ଦରୱାନ୍‌କୁ ପାଟି କରୁଛନ୍ତି କି କଣ ! ପାଚେରୀ ଚଢି ଦେଖିଲା, କେତେ ଜଣ ଗୁଣ୍ଡା ଶ୍ରେଣୀୟ ଲୋକଙ୍କ ସହ କଥା ହେଉଛନ୍ତି ନାରାୟଣ ବାବୁ । ଗୋଟିଏ କଳା ମୋଟା ନିଶୁଆ ଲୋକ ଆଡକୁ ଚାହିଁ କହୁଥାନ୍ତି, ଆରେ ମଦନା, କେତେ ଆଣିଛୁ ? ସବୁ ମାଲ୍ ବିକ୍ରି ହୋଇ ଗଲା ତ ?

ଟଙ୍କା ଭର୍ତ୍ତି ବ୍ୟାଗ୍‌ଟାକୁ ନାରାୟଣ ବାବୁଙ୍କ ହାତକୁ ବଢ଼ାଇ ଦେଉ ଦେଉ ମଦନା କହିଲା, ବାବୁ ପୁରା ପଚାଶ ଅଛି ।

ମୁଣ୍ଡ ଟୁଙ୍ଗାରି ଟଙ୍କା ଭର୍ତ୍ତି ବ୍ୟାଗ୍‌ଟା ହାତରୁ ନେଉ ନେଉ ମଣ୍ଟୁ ଆଡକୁ ଚାହିଁ ପଚାରିଲେ, ଆରେ କଣ ହେଲା ସେ ଗୋଚର ଜମି କଥା ଅନାଥାଶ୍ରମ କରିବାର ପ୍ଲାନ୍ ଦେଖେଇ ସବୁ କାଗଜ ପତ୍ର ମୋ ନାଁ ରେ କରେଇ ଦେଲୁ ତ ?

କାମ ଚାଲିଛି ଆଜ୍ଞା, ଏଇ ଭିତରେ ସବୁ ହୋଇଯିବ । ନାରାୟଣ ବାବୁଙ୍କ ହାତକୁ ଫାଇଲ୍‌ଟା ବଢ଼େଇ ଦେଉ ଦେଉ କହିଲା ମଣ୍ଟୁ ।

ଆଚ୍ଛା କହି ସମର୍ଥନ ଜଣେଇଲେ ନାରାୟଣ ବାବୁ । ହରିଆ ଆଡକୁ ଚାହିଁ ପଚାରିଲେ, ଆଉ ତୁ ହରିଆ.... ! ତୋ କାମ ଚାଲିଛି ତ ? କେତେ ଆଣିଛୁ ?

ତାଙ୍କ ପାଦକୁ ଜାବୁଡି ଧରି ହରିଆ କହିଲା, ମୁଁ ଧରାପଡ଼ିଗଲି ଆଜ୍ଞା । ସେଇ ଯେଉଁ ମୃତ ଲୋକମାନେ ବଞ୍ଚିଛନ୍ତି କହି ତାଙ୍କ ନକଲି ଦସ୍ତଖତ କରି ପେନ୍‌ସନ୍ ଉଠାଉ ଥିଲି, ସେ ଦସ୍ତଖତ ସବୁ ଜାଲ୍ ବୋଲି ଜଣାପଡିଗଲା ତେଣୁ......

ଗୋଡ଼ଟାକୁ ଛିଞ୍ଚାଡି ଦେଇ ଚିତ୍କାର କଲେ ନାରାୟଣ ବାବୁ, କିଛି ହେବନି ତୋ ଦ୍ୱାରା । ମୋତେ ଚିହ୍ନିନୁ, ମୁଁ ଯେତିକି ଭଲ ସେତିକି ଖରାପ । ଧେତ୍...... ତୁ ପୁରା ମାଟି ଟା କିଛି କାମ ନାହିଁ ଖାଲି ଅନ୍ନ ଧ୍ୱଂସ କରୁଛୁ ମୋର ।

ମଙ୍ଗୁଲୁର ପାଦ ତଳୁ ମାଟି ଖସିଗଲା ଭଳି ଲାଗିଲା । ସେ ଭାବୁଥିଲା, ମୋତେ ଚିହ୍ନିନୁ, ମୁଁ ଯେତିକି ଭଲ, ସେତିକି ଖରାପ- ଗର୍ବରେ କହୁଥିବା ମଣିଷ, ଆଉ କେହି ଖରାପ କହିଲେ ରାଗିଯାଏ କାହିଁକି ? ସମାଜ ସେବୀ ନାରାୟଣ ବାବୁଙ୍କ ଅସଲ ରୂପଟା ଯେ ଏତେ କଦାକାର, ଏହା ଭାବୁଥିଲା ସେ । ଯେଉଁ ନାରାୟଣ ବାବୁଙ୍କୁ ସେ ଦୟା କ୍ଷମାର ଅବତାର ଭାବି ଚାକିରିଟିଏ ପାଇଁ ଆସିଥିଲା, ସେ ଯେ ଅସଲରେ ଜଣେ ଅସାମାଜିକ ବ୍ୟକ୍ତି.....

ତା ପରଦିନ ସକାଳୁ ସକାଳୁ କାହାକୁ କିଛି ନକହି ସେ ଟ୍ରେନ୍‌ରେ ବସି ପୁଣି ଗାଁକୁ ଚାଲି ଆସିଲା । ତା ମନର କାନ୍‌ଭାସ୍‌ରେ ଉଭାସିତ ହେଉଥିଲା ସେଇ ଦୃଶ୍ୟ ଗୁଡିକ । ଲୋଭ, ଦର୍ପ ଓ ଅହଂକାରର ବଶବର୍ତ୍ତୀ ହୋଇ ମୃତ ଲୋକକୁ ଜୀବିତ କହି ତାର ନକଲି ଦସ୍ତଖତ୍ କରି ଟଙ୍କା ଉଠାଉଥିବା ନାରାୟଣ ବାବୁଙ୍କ କଥା ଭାବୁଥିଲା ସେ । ଜୋର ଜାର ମୁଲକ ତାର । ଧନ ଓ କ୍ଷମତା ବଳରେ ଜଣେ କଳାକୁ ଧଳା କରିପାରେ ଶୁଣିଥିଲି କିନ୍ତୁ ଜଣେ ପାପୀ ଅଧର୍ମୀ ବ୍ୟକ୍ତି ଯେ ଦୟାବନ୍ତ ସମାଜ ସେବୀର ମୁଖା ପିନ୍ଧିପାରେ, ଏହା ପ୍ରଥମ ଥର ଦେଖିଲି । ବେଳ ରତ ରତ ବେଳକୁ ଘରେ ପହଞ୍ଚିଲା ମଙ୍ଗୁଲୁ । ତା ବ୍ୟାଗ୍‌ଟା କାନ୍ଧରୁ ନେଇଯାଇ ପାଣି ଲୋଟାଟେ ଧରେଇ ଦେଲା ତା ମା' । ଲୋଟା ଟେକି ଢକ ଢକ କରି ଲୋଟାକ ଯାକ ପାଣି ପିଇ ଦେଲା ମଙ୍ଗୁଲୁ ।

ମା' ବିସ୍ମୟ ଭରା ଚାହାଣିରେ ପଚାରିଲା, ଫେରି ଆସିଲୁ ଯେ ! କଣ କହିଲେ ନାରାୟଣ ବାବୁ ?

ମା' ପାଖରେ ବସି ପଡି ମଙ୍ଗୁଲୁ କହିଲା, ଦୂର ପରବତ ଖୁବ୍ ସୁନ୍ଦର ଲୋ ମା' କିନ୍ତୁ ପାଖକୁ ଗଲେ ଜଣାପଡେ ତାର କଦାକର ରୁପ । ସେଥିରେ କେତେ ଖାଲ ଢିପ ଆଉ କେତେ ଭୟଙ୍କର ଜନ୍ତୁ ଥାନ୍ତି ଠିକ୍ ସେମିତି ଦୁନିଆରେ ଅନେକ ଲୋକ ଥାନ୍ତି, ଯେଉଁମାନେ ଉପରକୁ ଖୁବ୍ ମିଷ୍ଟଭାଷୀ ଆଉ ପୁଣ୍ୟାତ୍ମା ମନେ ହେଲେବି ଅନ୍ତଃକରଣରେ ଠିକ୍ ତା ବିପରୀତ । ଏଠି ପରା ଜୋର ଯାର ମୁଲକ ତାର ।

କିଛି ନ ବୁଝି ପାରି ମା' ତାର ଉତ୍ତର ଦେଲା, ଯେତେବେଳେ ଭଗବାନ ଯାହା କରନ୍ତି ସବୁ ପ୍ରାଣୀର ମଙ୍ଗଳ ପାଇଁରେ ମଙ୍ଗୁଲୁ । ସରଳ, ନିରୀହ ଲୋକଙ୍କୁ ଭଗବାନ ସର୍ବଦା ସବୁ ବିପଦରୁ ଉଦ୍ଧାର କରନ୍ତି । ସେଇ ଜଗନ୍ନାଥ ଭରସା ମୋ ପୁଅକୁ, କହି ଭଗବାନଙ୍କ ଉଦ୍ଦେଶ୍ୟରେ ହାତ ଦୁଇଟି ଯୋଡି ପ୍ରଣାମ କରୁଥିଲା ତା ମା' ।

*ମୋ- ୯୮୬୧୧୯୨୪୪୫*

> **ମା' ବିସ୍ମୟ ଭରା ଚାହାଣିରେ ପଚାରିଲା, ଫେରି ଆସିଲୁ ଯେ ! କଣ କହିଲେ ନାରାୟଣ ବାବୁ ? ମା' ପାଖରେ ବସି ପଡି ମଙ୍ଗୁଲୁ କହିଲା, ଦୂର ପରବତ ଖୁବ୍ ସୁନ୍ଦର ଲୋ ମା' କିନ୍ତୁ ପାଖକୁ ଗଲେ ଜଣାପଡେ ତାର କଦାକର ରୁପ । ସେଥିରେ କେତେ ଖାଲ ଢିପ ଆଉ କେତେ ଭୟଙ୍କର ଜନ୍ତୁ ଥାନ୍ତି ଠିକ୍ ସେମିତି ଦୁନିଆରେ ଅନେକ ଲୋକ ଥାନ୍ତି, ଯେଉଁମାନେ ଉପରକୁ ଖୁବ୍ ମିଷ୍ଟଭାଷୀ ଆଉ ପୁଣ୍ୟାତ୍ମା ମନେ ହେଲେବି ଅନ୍ତଃକରଣରେ ଠିକ୍ ତା ବିପରୀତ । ଏଠି ପରା ଜୋର ଯାର ମୁଲକ ତାର ।**

# ରଣଜୀ ଟ୍ରଫି ଫାଇନାଲ : ବିଦର୍ଭ ଇନିଂସ ଅଗ୍ରଣୀ

**ନାଗପୁର**

ବିଦର୍ଭ କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ କେରଳ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ଫାଇନାଲରେ ବିଦର୍ଭ ଇନିଂସ ଅଗ୍ରଣୀ ହାସଲ କରିଛି। ପ୍ରଥମ ଇନିଂସରେ ବିଦର୍ଭ ୩୭୯ ରନ୍ କରିଥିବା ବେଳେ କେରଳ ତା'ର ଅସମାପ୍ତ ସ୍କୋର ୧୩୧/୩ରୁ ବ୍ୟାଟିଂ ଆରମ୍ଭ କରି ୩୪୨ ରନ୍‌ରେ ଅଲଆଉଟ ହୋଇଯାଇଛି। ଫଳରେ ଦୁଇ ଥରର ରଣଜୀ ଚାମ୍ପିୟନ ବିଦର୍ଭ ୩୭ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି।

ଶୁକ୍ରବାର ତଥା ମ୍ୟାଚ୍‌ର ତୃତୀୟ ଦିନ କେରଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୩୧/୩ରୁ ବ୍ୟାଟିଂ ଆରମ୍ଭ କରିଥିଲା। ଦଳ ତା'ର ବଳକା ୭ ଉଇକେଟରେ ଦଳୀୟ ସ୍କୋରରେ ୨୧୧ ରନ୍ ଯୋଡ଼ିବାକୁ ସକ୍ଷମ ହୋଇଥିଲା। ପୂର୍ବ ଦିନ ଅପରାଜିତ ଥିବା ବ୍ୟାଟର ଆଦିତ୍ୟ ସରୱତେ ୭୯ ରନ୍ କରି ଆଉଟ ହୋଇଥିବା ବେଳେ ଅଧିନାୟକ ସଚିନ ବେବୀ (୯୮) ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ଆଝାରୁଦ୍ଦିନ ୩୪, ଜଲଜ ସକ୍ସେନା ୨୮ ଓ ସଲମାନ ନିଜାର ୨୧ ରନ କରିଥିଲେ। ବିଦର୍ଭ ପକ୍ଷରୁ ଦର୍ଶନ ନାଲକଣ୍ଡେ, ହର୍ଷ ଦୁବେ ଓ ପାର୍ଥ ରେଖାଡ଼େ ୩ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।



# ଚାମ୍ପିୟନ୍ସ ଟ୍ରଫି : ସେମିଫାଇନାଲରେ ନେତୃତ୍ୱ ନେବେ ଶୁବମନ ଗିଲ୍ !

**ନୂଆଦିଲ୍ଲୀ**

ଆସନ୍ତା ରବିବାର ଚାମ୍ପିୟନ୍ସ ଟ୍ରଫିର ଶେଷ ଗ୍ରୁପ୍ ପର୍ଯ୍ୟାୟରେ ମୁହାଁମୁହିଁ ହେବେ ଭାରତ ଓ ନ୍ୟୁଜିଲାଣ୍ଡ। ଉଭୟ ଦଳ ଚାମ୍ପିୟନ୍ସ ଟ୍ରଫିର ସେମି ଫାଇନାଲରେ ନିଜର ସ୍ଥାନ ପକ୍କା କରି ନେଇଛନ୍ତି। ତେବେ ପ୍ରଥମ ସ୍ଥାନ ପାଇଁ ଦୁଇ ଦଳ ଲଢ଼େଇ କରିବେ। କିନ୍ତୁ ଏହି ମ୍ୟାଚ୍‌ରେ ଦେଖିବାକୁ ମିଳିବ ଟିମ୍ ଇଣ୍ଡିଆର ଭବିଷ୍ୟତ ଝଲକ୍। କାରଣ ଏବେ ଉପ ଅଧିନାୟକ ଭାବେ କାର୍ଯ୍ୟ କରୁଥିବା ଶୁବମନ ଗିଲ୍ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ନେତୃତ୍ୱ ନେବାର ସୁଯୋଗ ପାଇ ପାରନ୍ତି। ଗିଲ୍ ଭବିଷ୍ୟତରେ ଭାରତର କମାଣ ବିଧିବଦ୍ଧ ଭାବେ ସମ୍ଭାଳିବେ। ହେଲେ ଏହା ପୂର୍ବରୁ ତାଙ୍କୁ ଚାମ୍ପିୟନ୍ସ ଟ୍ରଫିରେ ଗୋଟିଏ ମ୍ୟାଚ୍‌ରେ ଅଧିନାୟକ ହେବାର ସୁଯୋଗ ମିଳିପାରେ।

ଟିମ୍ ଇଣ୍ଡିଆର ନିୟମିତ ଅଧିନାୟକ ରୋହିତ ଶର୍ମା ଏବେ ୧୦୦% ଫିଟ୍ ନାହାନ୍ତି। ତେଣୁ ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ଗ୍ରୁପ୍ ଏର ଶେଷ ମ୍ୟାଚ୍‌ରେ ବିଶ୍ରାମ



ଦେବାକୁ ଚାହୁଁଛନ୍ତି। ଭାରତ ଯେହେତୁ ସେମିରେ ସ୍ଥାନ ସୁରକ୍ଷିତ କରି ନେଇଛି, ସେଥିପାଇଁ ମ୍ୟାନେଜମେଣ୍ଟ ରୋହିତଙ୍କୁ ବିଶ୍ରାମ ଦେବା ସପକ୍ଷରେ ରହିଥିବା ରିପୋର୍ଟ ପ୍ରକାଶ ପାଇଛି।

ଯଦି ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ରୋହିତ ଶର୍ମାଙ୍କୁ ବିଶ୍ରାମ ମିଳିବ, ତା'ହେଲେ ଉପ ଅଧିନାୟକ ଶୁବମନ ଗିଲ ନେତୃତ୍ୱ ନେବେ। ଗିଲ୍ ସବୁ ଫର୍ମାଟରେ ଭାରତର କମାଣ ରୋହିତଙ୍କ ପରେ ସମ୍ଭାଳିବେ ବୋଲି ଅନେକ କ୍ରିକେଟ ପଣ୍ଡିତ ମତ ରଖୁଛନ୍ତି। ଏପରି ସ୍ଥିତିରେ ଚାମ୍ପିୟନ୍ସ ଟ୍ରଫି ଭଳି ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ କେମିତି ଟିମ୍‌କୁ ଆଗକୁ ନେଉଛନ୍ତି, ସେକଥା ରବିବାର ମ୍ୟାଚ୍ ଦେଖିବା ପରେ କିଛିଟା ଜଣାପଡ଼ିଯିବ।

ଏକ ରିପୋର୍ଟ ଅନୁଯାୟୀ, ରୋହିତ ମାଂସପେଶୀ ଜନିତ ସମସ୍ୟାରେ ପଡ଼ିଛନ୍ତି। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସେ ମାଂସପେଶୀ ସମସ୍ୟାରେ ପଡ଼ିଥିଲେ। ଏଥିଯୋଗୁ ତାଙ୍କୁ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା ଓ ଗିଲ କିଛି ସମୟ ପାଇଁ ପାକିସ୍ତାନ ବିପକ୍ଷରେ ଦଳର ନେତୃତ୍ୱ ନେଇଥିଲେ। ଅବଶ୍ୟ ହିଟ୍‌ମ୍ୟାନ ପରବର୍ତ୍ତୀ ଅବସ୍ଥାରେ ରନ ଚେଜ୍ ବେଳେ ବ୍ୟାଟିଂ କରିବାକୁ ଆସିଥିଲେ। ଏବେ ବି ସେ ସଂପୂର୍ଣ୍ଣ ଭାବେ ଆହତ ସମସ୍ୟାରୁ ମୁକୁଳି ପାରିନାହାନ୍ତି। ଏଥିପାଇଁ ସେ ଦୁବାଇରେ ଭାରତ କରୁଥିବା ଅଭ୍ୟାସ ସେସନ୍‌ରେ ମଧ୍ୟ ବ୍ୟାଟ ଚଳାଇ ନାହାନ୍ତି। ତାଙ୍କୁ ଭାରତର ଷ୍ଟ୍ରେନ୍ଥ ଓ କଣ୍ଡିସନିଂ କୋଚ୍ ଏବଂ ଫିଜିଓଥେରାପିଷ୍ଟଙ୍କ ସହ ଦେଖିବାକୁ ମିଳିଥିଲା। ଏଥିରୁ ସ୍ପଷ୍ଟ ହେଉଛି ଯେ ରୋହିତ ମାଂସପେଶୀ ଜନିତ ସମସ୍ୟାରୁ ମୁକୁଳି ପାରିନାହାନ୍ତି।

ଯଦି ରୋହିତ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ବିଶ୍ରାମ ନେବେ, ତା'ହେଲେ ଚୂଡ଼ାନ୍ତ ଏକାଦଶରେ ଏକାଧିକ ପରିବର୍ତ୍ତନ ଦେଖିବାକୁ ମିଳିବ। ରୋହିତଙ୍କ ଅନୁପସ୍ଥିତିରେ ଗିଲଙ୍କ ସହ କେଏଲ ରାହୁଲ ଓପନ କରିପାରନ୍ତି। ଏପରି ସ୍ଥିତିରେ ଋଷଭ ପନ୍ତଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିପାରେ।

# ୨୮ରୁ ଆରମ୍ଭ ହୋଇଛି ୧୪ତମ ଯୁବା ବାସ୍କେଟ ବଲ୍ ଓପନ ପ୍ରତିଯୋଗିତା



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସହିଦନଗର ସନସାଇନ ଯୁବ ସଂଗଠନ ପକ୍ଷରୁ ଏହି ପ୍ରତିଯୋଗିତା ଶୁକ୍ରବାର ଠାରୁ ଆରମ୍ଭ ହୋଇ ୨ ମାର୍ଚ୍ଚରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଲିଗ୍ ପର୍ଯ୍ୟାୟରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ୬ଟି ରାଜ୍ୟରୁ ୧୨ ଦଳ ଅଂଶଗ୍ରହଣ କରିବେ। ଓଡ଼ିଶା ସମେତ ମହାରାଷ୍ଟ୍ର, ଛତିଶଗଡ଼, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ, ୱେଷ୍ଟ ବେଙ୍ଗଲ ଟିମ୍ ମଧ୍ୟ ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଚାମ୍ପିଅନ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୨୦ ହଜାର ସହ ଟ୍ରଫି ପ୍ରଦାନ କରାଯିବା ସହ ଅନ୍ୟ ପୁରସ୍କାର ରାଶି ମଧ୍ୟ ପ୍ରଦାନ କରାଯିବ ବୋଲି ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ଉପଦେଷ୍ଟା ସରୋଜ ପାତ୍ର, ସଭାପତି ବିଶ୍ୱଜିତ ମହାନ୍ତି, ସମ୍ପାଦକ ଦେବାଶିଷ ସବ୍ୟସାଚୀ ଚକ୍ର, କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ସାହୁ, କର୍ପୋରେଟର ରାଜ କିଶୋର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟୁର୍ଣ୍ଣାମେଣ୍ଟ ସଂଯୋଜକ ଆଦର୍ଶ ପଟ୍ଟନାୟକ, ପ୍ରଶାନ୍ତ ବେହେରା, ମିଥୁନ ବିଶୋଇ, ମନରଞ୍ଜନ ଗଦାବଡ୍ଡୁ, ସିଦ୍ଧାର୍ଥ ଦାଶ, ଦୀପକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ କ୍ଲବ୍ ଉପଦେଷ୍ଟା ଭାବେ ବିଶ୍ୱ ପ୍ରକାଶ ମହାନ୍ତି, ପ୍ରୀତମ ପାଳ, ବିଶ୍ୱ ରଞ୍ଜନ ରାୟ, ଅଜୟ ପ୍ରଧାନ ଓ ପ୍ରିୟବ୍ରତ ରାୟ ଅଛନ୍ତି। ଉଦ୍‌ଯାପନୀ ଉତ୍ସବ ଓମ୍ ସ୍ଥିତପ୍ରଜ୍ଞ ଜାତୀୟ ସ୍ତରର ବାସ୍କେଟ ବଲ ଖେଳାଳି, କମଳାକାନ୍ତ ପାରା ଜାଭଲିନ ଜାତୀୟ ସ୍ତରର ଖେଳାଳି, ଅନ୍ୱେଷା ସୁବୁଦ୍ଧି ଏସିଆନ କରାଟେ ଓ ବାଦଲ ନାୟକ ଜୁନିୟର ଏନବିଏ ବାସ୍କେଟ ଖେଳାଳିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

# ସେମିରେ ଅଷ୍ଟ୍ରେଲିଆ : ବର୍ଷା ଯୋଗୁ ମ୍ୟାଚ୍ ରଦ୍ଦ ହେବା ପରେ ଆଫଗାନିସ୍ତାନ ଆଶା କ୍ଷୀଣ

**ଲାହୋର**

ଅଷ୍ଟ୍ରେଲିଆ ଓ ଆଫଗାନିସ୍ତାନ ମଧ୍ୟରେ ଚାମ୍ପିଅନ୍ସ ଟ୍ରଫିରେ ଖେଳାଯାଇଥିବା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ରଦ୍ଦ ହୋଇଛି। ବର୍ଷା ଯୋଗୁ ମ୍ୟାଚ୍‌କୁ ରଦ୍ଦ କରିବାକୁ ପଡ଼ିଛି। ଏହାପରେ ଦୁଇ ଟିମ୍‌କୁ ଗୋଟିଏ ଲେଖାଏଁ ପଏଣ୍ଟ ମିଳିଛି। ଏହାସହ ଦୁଇ ଥର ଚାମ୍ପିଅନ୍ ଅଷ୍ଟ୍ରେଲିଆ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଆଫଗାନିସ୍ତାନ ପ୍ରଥମ ବ୍ୟାଟିଂ କରି ୧୦ ୱିକେଟ୍ ହରାଇ ୨୭୩ ରନ୍ କରିଥିଲା। ଏହାର ଜବାବରେ ଅଷ୍ଟ୍ରେଲିଆ ଟିମ୍ ୧୨.୫ ଓଭରରେ ଗୋଟିଏ ୱିକେଟ୍ ହରାଇ ୧୦୯ ରନ୍ କରିଥିଲା।

ଲାହୋରର ଗଦାଫି ଷ୍ଟାଡିୟମରେ ଅଷ୍ଟ୍ରେଲିଆ ଏବଂ ଆଫଗାନିସ୍ତାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବର୍ଷା ଯୋଗୁ କୌଣସି ପରିଣାମରେ ପହଞ୍ଚି



ପାରିନଥିଲା। ମ୍ୟାଚ୍ ରଦ୍ଦ ହେବା ପରେ ଅଷ୍ଟ୍ରେଲିଆ ସେମିଫାଇନାଲରେ ପ୍ରବେଶ କରିଛି। ଅନ୍ୟପଟେ ଆଫଗାନିସ୍ତାନ ଟୁର୍ଣ୍ଣାମେଣ୍ଟରୁ ବାହାର ହେବା ଦ୍ୱାର ଦେଶରେ ପହଞ୍ଚିଛି। ଏବେ ଚତୁର୍ଥ ସେମିଫାଇନାଲିଷ୍ଟ ପାଇଁ ଶନିବାର ଦକ୍ଷିଣ ଆଫ୍ରିକା ଏବଂ ଇଂଲଣ୍ଡ ମଧ୍ୟରେ ମ୍ୟାଚ୍ ଉପରେ ସମସ୍ତଙ୍କ ନଜର ରହିବ।

ଆଫଗାନିସ୍ତାନକୁ ଚୂଡ଼ାନ୍ତ ୪ରେ ପହଞ୍ଚିବା ପାଇଁ ଆଫଗାନିସ୍ତାନ ପାଇଁ ଶୁକ୍ରବାର ମ୍ୟାଚ୍ ଜିତିବା ଜରୁରୀ ଥିଲା। ଅନ୍ୟପଟେ ଅଷ୍ଟ୍ରେଲିଆ ପାଇଁ ମଧ୍ୟ ବିଜୟ ଦରକାର ଥିଲା। ତେବେ ପଏଣ୍ଟ ଭାଗ ହେବା ଦ୍ୱାରା ବି ଅଷ୍ଟ୍ରେଲିଆ ସେମିରେ ନିଜ ସ୍ଥାନ ପକ୍କା କରିଥାନ୍ତା। ଅଷ୍ଟ୍ରେଲିଆ ପାଖରେ ପୂର୍ବରୁ ୩ ପଏଣ୍ଟ ଥିଲା। ମ୍ୟାଚ୍ ରଦ୍ଦ ହେବା ପରେ ଦୁଇ ଟିମ୍‌କୁ ଗୋଟିଏ ଲେଖାଏଁ ପଏଣ୍ଟ ମିଳିଛି। ଫଳରେ ଅଷ୍ଟ୍ରେଲିଆର ୪ ପଏଣ୍ଟ ଏବଂ ଆଫଗାନିସ୍ତାନର ୩ ପଏଣ୍ଟ ହୋଇଛି। ଏବେ ଦକ୍ଷିଣ ଆଫ୍ରିକା ବି ୩ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଦକ୍ଷିଣ ଆଫ୍ରିକା ନିଜର ଶେଷ ମୁକାବିଲା ଇଂଲଣ୍ଡ ବିପକ୍ଷରେ ଖେଳିବ। ତେବେ ଏହାର ନେଟ୍ ରନ୍ ରେଟ୍ ଭଲ ଥିବାରୁ ଟିମ୍‌ର ସେମିରେ ପହଞ୍ଚିବା ବି ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି।

ଶୁକ୍ରବାର ମ୍ୟାଚ୍‌ରେ ଆଫଗାନିସ୍ତାନ ପାଇଁ ସେଦିକୁଲ୍ଲାହ ଅଟଲ ସର୍ବାଧିକ ୮୫ ରନ୍ କରିଥିଲେ। ଅଜମତୁଲ୍ଲାହ ଓମରଜାଇ ଲଗାତାର ଦ୍ୱିତୀୟ ମ୍ୟାଚରେ ବିସ୍ଫୋରକ ବ୍ୟାଟିଂ କରି ୬୩ ବଲରେ ୬୭ ରନ୍ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ଡ୍ୱାରସୁଇସ୍ ସର୍ବାଧିକ ୩ ୱିକେଟ୍ ନେଇଥିଲେ। ଏହାର ଜବାବରେ ଅଷ୍ଟ୍ରେଲିଆ ୧୨.୫ ଓଭରରେ ୧୦୯ ରନ୍ କରିଥିଲା। ଟିମ୍ ପାଇଁ ଟ୍ରାଭିସ୍ ହେଡ୍ ୫୯ ରନ୍ ଓ ଷ୍ଟିଭ୍ ସ୍ମିଥ୍ ୧୯ ରନ୍ କରି ଅପରାଜିତ ଥିଲେ। ମେଥ୍ୟୁ ସର୍ଟ୍ସ ୨୦ ରନ୍ କରି ଆଉଟ୍ ହୋଇଥିଲେ।

# ନ୍ୟୁଜିଲାଣ୍ଡ ଟୁର୍‌ରୁ ଓହରିପାରନ୍ତି ପାକିସ୍ତାନର ସିନିୟର ଖେଳାଳି

**ଲାହୋର**

ଆଇସିସି ଚାମ୍ପିୟନ୍ସ ଟ୍ରଫିରୁ ପାକିସ୍ତାନ ଦଳର ଲଜ୍ଜାଜନକ ପରାଜୟ ପରେ ଦଳର କେତେଜଣ ସିନିୟର ଖେଳାଳି ଆସନ୍ତା ମାସରେ ହେବାକୁଥିବା ନ୍ୟୁଜିଲାଣ୍ଡ ଟୁର୍‌ରୁ ଓହରି ଯାଇପାରନ୍ତି। ଆୟୋଜକ ପାକିସ୍ତାନ ଇଭେଣ୍ଟରେ ଗୋଟିଏ ହେଲେ ମ୍ୟାଚ ଜିତିପାରି ନାହିଁ। ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ ଏହାର ପ୍ରଥମ ମ୍ୟାଚ୍ ୬୦ ରନ୍‌ରେ ପରାଜିତ ହୋଇଥିଲା। ପରେ ଦୁବାଇରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତଠାରୁ ଦଳ ୬ ଉଇକେଟରେ ପରାଜିତ ହୋଇଥିଲା।

ଗୁରୁବାର ରାୱଲପିଣ୍ଡିରେ ବାଂଲାଦେଶ ବିପକ୍ଷ ମ୍ୟାଚ୍ ବର୍ଷା କାରଣରୁ ବାତିଲ ହୋଇଯାଇଥିଲା। ପାକିସ୍ତାନ ମାର୍ଚ୍ଚ ୧୬ରୁ ଏପ୍ରିଲ ୫ ହ୍ୱାଇଟ୍ ବଲ ଟୁର୍‌ରେ ନ୍ୟୁଜିଲାଣ୍ଡ ଯାଇ ସେଠାରେ ୫ ଅନ୍ତର୍ଜାତୀୟ ଟି୨୦ ଏବଂ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳିବ। ମିଳିଥିବା ସୂଚନା ମୁତାବକ, ବାବର ଆଜାମ, ଶାହିନ ଶାହା ଆଫ୍ରିଦୀ, ନସିମ ଶାହା ପ୍ରମୁଖ ଏହି ଟୁର୍‌ରୁ ଓହରିଯିବା ଲାଗି ବିଚାର କରୁଥିବା ଜଣାପଡ଼ିଛି। ତେବେ ସେମାନେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସେମାନଙ୍କ ଏଜେଣ୍ଟଙ୍କ ସହିତ ପରାମର୍ଶ ନେଇପାରନ୍ତି।

ଏପରିକି ମହମ୍ମଦ ରିଜୱାନଙ୍କ ଭବିଷ୍ୟତକୁ ନେଇ ମଧ୍ୟ ଅନିଶ୍ଚିତତା ଦେଖା ଦେଇଛି। ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ଏସିଆ କପ୍ ଏବଂ ଆସନ୍ତାବର୍ଷ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ଦଳ ପୁନର୍ଗଠନ ଲାଗି ଚୟନକର୍ତ୍ତାମାନେ ଚେୟାରମ୍ୟାନଙ୍କୁ ସୁପାରିସ କରିପାରନ୍ତି।

# ମେ' ୨୯ରୁ ଅଲ୍ଟିମେଟ ଟେବୁଲ ଟେନିସ୍‌ର ଷଷ୍ଠ ସିଜିନ୍

**ନୂଆଦିଲ୍ଲୀ**



ଅଲ୍ଟିମେଟ ଟେବୁଲ ଟେନିସ (ୟୁଟିଟି)ର ଷଷ୍ଠ ସଂସ୍କରଣ ଅହମ୍ମଦାବାଦରେ ଆସନ୍ତା ମେ' ୨୯ରୁ ଜୁନ୍ ୧୫ ପର୍ଯ୍ୟନ୍ତ ଖେଳାଯିବ। ଏ ନେଇ ଆୟୋଜକଙ୍କ ପକ୍ଷରୁ ଶୁକ୍ରବାର କୁହାଯାଇଛି। କବାଡ଼ି ବିଶ୍ୱକପ ଓ ୨୦୧୯ ଇଣ୍ଟରକଣ୍ଟିନେଣ୍ଟାଲ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିବା ଭେନ୍ୟୁ ଷ୍ଟେଟ-ଅଫ-ଦି ଆର୍ଟ ଏକା ଆରେନାକୁ ଭେନ୍ୟୁ ଭାବେ ଧାର୍ଯ୍ୟ କରାଯାଇଛି। ଭାରତୀୟ ଓ ଅନ୍ତର୍ଜାତୀୟ ତାରକାଙ୍କୁ ନେଇ ଗଠିତ ୮ ଦଳ ଟାଇଟଲ ଲାଗି ମୁକାବିଲା କରିବେ। ଲିଗ୍‌ରେ ଭାଗ ନେଉଥିବା ୮ ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗ ଭାଗ କରାଯାଇଛି। ପ୍ରତ୍ୟେକ ଦଳ ଲିଗ୍ ପର୍ଯ୍ୟାୟରେ ୫ଟି ଲେଖାଏଁ ମ୍ୟାଚ ଖେଳିବେ। ପ୍ରତ୍ୟେକ ଦଳ ନିଜ ଗ୍ରୁପ୍‌ର ଅନ୍ୟ ୩ଟି ଦଳ ସହିତ ଏବଂ ଅନ୍ୟ ଗ୍ରୁପ୍‌ର ୨ଟି ଦଳ ସହିତ ମ୍ୟାଚ ଖେଳିବେ। ଲିଗ୍ ପର୍ଯ୍ୟାୟ ପରେ ଦୁଇଟି ଗ୍ରୁପର ଟପ ଦୁଇ ଦଳ ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଜୁନ ୧୫ ତାରିଖରେ ଫାଇନାଲ ଖେଳାଯିବ। ପ୍ରତ୍ୟେକ ଦଳରେ ଦୁଇ ଜଣ ଅନ୍ତର୍ଜାତୀୟ ତାରକାଙ୍କ ସହିତ ମୋଟ ୬ ଖେଳାଳି ରହିବେ।

# ପାରା କ୍ରୀଡ଼ାବିତ୍‌ଙ୍କୁ ବ୍ୟାଟେରୀ ଚାଳିତ ସ୍କୁଟର ପ୍ରଦାନ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାରେ ଭିନ୍ନକ୍ଷମଙ୍କ ସଶକ୍ତିକରଣ ଦିଗରେ କାର୍ଯ୍ୟରତ ଅନୁଷ୍ଠାନ 'ପୁନର୍ବାସ' ପକ୍ଷରୁ ଚଳନଶକ୍ତି ବାଧିତ ଡେରାବିଶ ବ୍ଲକ ହରିଅଙ୍କ ଗ୍ରାମର ପାରାକ୍ରୀଡ଼ାବିତ୍ ବଳରାମ ସ୍ୱାଇଁଙ୍କୁ ବ୍ୟାଟେରୀ ସ୍କୁଟି ପ୍ରଦାନ କରାଯାଇଛି। ପୁନର୍ବାସ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି ଏହାକୁ ପ୍ରଦାନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ରୂପେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ରୁପଲି ପ୍ରିୟ ଦର୍ଶିନି ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ପୌର ସଭ୍ୟା ରଶ୍ମିତା ସିଂ ପ୍ରମୁଖ ଯୋଗ ଦେଇ କେବଳ ସରକାରୀ ସ୍ତରରେ ଭିନ୍ନକ୍ଷମମାନଙ୍କୁ ସହାୟତାକୁ ସୀମିତ ନର ସମାଜର ସବୁ ବର୍ଗ ଏ ଦିଗରେ ପ୍ରୟାସ କଲେ ସେମାନେ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇ ପାରିବେ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ବ୍ଲକ ଅଧୀନରେ ନୂତନ ଭାବେ ସରକାରୀ ବିଦ୍ୟାଳୟରେ ଯୋଗ ଦେଇଥିବା ଦୃଷ୍ଟିବାଧିତ ଶିକ୍ଷକ ଉତ୍ତମ ସେଠୀଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପୁନର୍ବାସର ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଚନ୍ଦ୍ରମଣି ମଲିକ, ସ୍ୱପ୍ନାଂଶୁ କୁମାର ଦାସ, ନୃସିଂହ ଚରଣ ତ୍ରିପାଠୀ, ପ୍ରମୋଦ ସେଠୀ, ମନୋଜ ବିଶ୍ୱାଳ, ମିହିର ରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ପୁନର୍ବାସର ସହ ସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# କୋହଲିଙ୍କ ଟାର୍ଗେଟ୍‌ରେ ସଚିନଙ୍କ ରେକର୍ଡ

**ନୂଆଦିଲ୍ଲୀ**

୨୦୨୫ ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ପାକିସ୍ତାନ ବିପକ୍ଷ ଗ୍ରୁପ ମ୍ୟାଚ୍‌ରେ ଭାରତୀୟ ଦଳର ବିଜୟ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ବିରାଟ କୋହଲି। ସେହି ମ୍ୟାଚ୍‌ରେ ତାଙ୍କର ଦୀର୍ଘ ବର୍ଷର ଶତକୀୟ ମରୁଡ଼ି ଶେଷ କରିବାରେ ସଫଳ ହୋଇଥିଲେ। ଏହି ମ୍ୟାଚ୍‌ରେ କୋହଲି କେବଳ ତାଙ୍କ ଶତକ ସହିତ ଟିମ୍ ଇଣ୍ଡିଆକୁ ବିଜୟୀ କରାଇ ନ ଥିଲେ ବରଂ ମ୍ୟାଚ୍ ଶେଷ କରି ଫେରିଥିଲେ। ଏବେ ଭାରତୀୟ ଦଳକୁ ଗ୍ରୁପ ପର୍ଯ୍ୟାୟରେ ଶେଷ ମ୍ୟାଚ୍ ୨ ମାର୍ଚ୍ଚରେ ନ୍ୟୁଜିଲାଣ୍ଡ ଦଳ ବିପକ୍ଷରେ ଖେଳିବାକୁ ପଡ଼ିବ, ତେଣୁ ଏହି ମ୍ୟାଚ୍‌ରେ ମଧ୍ୟ ସମସ୍ତଙ୍କ ନଜର କୋହଲିଙ୍କ ପ୍ରଦର୍ଶନ ଉପରେ ରହିବ କାରଣ ଯଦି ସେ ସେମିଫାଇନାଲ ମ୍ୟାଚ୍ ପୂର୍ବରୁ ଆଉ ଏକ ଶତକୀୟ ଇନିଂସ ଖେଳିବେ, ତେବେ ସେ ଏକ ବଡ଼ ସଫଳତା ହାସଲ କରିପାରିବେ।

ଭାରତ ପକ୍ଷରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଦିନିକିଆ ଫର୍ମାଟରେ ସର୍ବାଧିକ ରନ କରିବାର ରେକର୍ଡ ବର୍ତ୍ତମାନ ସଚିନ ତେନ୍ଦୁଲକରଙ୍କ ନାମରେ ଅଛି, ଯିଏ କିୱି ଦଳ ବିପକ୍ଷରେ ମୋଟ ୪୨ଟି ମ୍ୟାଚ୍ ଖେଳିଛନ୍ତି। ଏଥିରେ ସେ ୪୫.୦୫ ହାରରେ ୧୭୫୦ ରନ କରିଛନ୍ତି, ଏହି ସମୟ ମଧ୍ୟରେ ତାଙ୍କ ବ୍ୟାଟରୁ ୫ଟି ଶତକ ଏବଂ ୮ଟି ଅର୍ଦ୍ଧଶତକୀୟ ଇନିଂସ ମଧ୍ୟ ଦେଖାଯାଇଛି। କୋହଲି ବର୍ତ୍ତମାନ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି, ଯେଉଁଥିରେ ସେ ନ୍ୟୁଜିଲାଣ୍ଡ ବିପକ୍ଷରେ ୩୧ଟି ଦିନିକିଆ ମ୍ୟାଚ୍ ଖେଳି ୫୮.୭୫ ହାରରେ ୧୬୪୫ ରନ କରିଛନ୍ତି। ଏଥିରେ ୬ଟି ଶତକ ଏବଂ ୯ଟି ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ। ଯଦି କୋହଲି ୨ ମାର୍ଚ୍ଚରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ରେ ୧୦୬ ରନ କରିବାରେ ସଫଳ ହୁଅନ୍ତି, ତେବେ ସେ ଦିନିକିଆ ଫର୍ମାଟରେ କିୱି ଦଳ ବିପକ୍ଷରେ ଟିମ୍ ଇଣ୍ଡିଆର ସର୍ବାଧିକ ରନ ସ୍କୋରର ହୋଇଯିବେ।

ଯଦି ଆମେ ଓଭର ଦିନିକିଆ ଟୁର୍ଣ୍ଣାମେଣ୍ଟରେ ନ୍ୟୁଜିଲାଣ୍ଡ ବିପକ୍ଷରେ ବିରାଟ କୋହଲିଙ୍କ ରେକର୍ଡକୁ ବହୁତ ଭଲ। ଏଥିରେ ସେ ତିନୋଟି ମ୍ୟାଚରେ ୭୧ ହାରରେ ମୋଟ ୨୧୩ ରନ କରିଛନ୍ତି। ଏହି ସମୟ ମଧ୍ୟରେ କୋହଲିଙ୍କ ବ୍ୟାଟରୁ ଗୋଟିଏ ଶତକ ଏବଂ ଗୋଟିଏ ଅର୍ଦ୍ଧଶତକୀୟ ଇନିଂସ ମଧ୍ୟ ଦେଖାଯାଇଛି। ଆଇସିସି ଦିନିକିଆ ଟୁର୍ଣ୍ଣାମେଣ୍ଟରେ କିୱି ଦଳ ବିପକ୍ଷରେ କୋହଲିଙ୍କ ସର୍ବଶ୍ରେଷ୍ଠ ସ୍କୋର ହେଉଛି ୧୧୭ ରନ।

# ପାକିସ୍ତାନରେ ଶେଷ ହୋଇଗଲା ଜୋସ୍‌ବଟଲରଙ୍କ ଅଧିନାୟକ କ୍ୟାରିୟର

**ନୂଆଦିଲ୍ଲୀ**

ଚାମ୍ପିଅନ୍ସ ଟ୍ରଫି ୨୦୨୫ ମଧ୍ୟରେ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଟୁର୍ଣ୍ଣାମେଣ୍ଟରେ ଖରାପ ପ୍ରଦର୍ଶନ ପରେ ଜଣେ ଅଧିନାୟକ ପଦ ଛାଡ଼ିଛନ୍ତି। ପୂର୍ବତନ ବିଶ୍ୱ ଚାମ୍ପିଅନ ଇଂଲଣ୍ଡର ଅଧିନାୟକ ଜୋସ ବଟଲର ଇସ୍ତଫା ଦେଇଛନ୍ତି। ଚାମ୍ପିଅନ୍ସ ଟ୍ରଫିରେ ଇଂଲଣ୍ଡ ଦଳର ଖରାପ ପ୍ରଦର୍ଶନ ପରେ ବଟଲର ଏହି ନିଷ୍ପତ୍ତି ନେଇଛନ୍ତି। ଚାମ୍ପିଅନ୍ସ ଟ୍ରଫିରେ ଇଂଲଣ୍ଡକୁ ପ୍ରଥମ ଦୁଇଟି ମ୍ୟାଚ୍‌ରେ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା, ଯାହା ମଧ୍ୟରୁ ଦ୍ୱିତୀୟଟି ଆଫଗାନିସ୍ତାନ ଭଳି ଏକ ଛୋଟ ଦଳ ବିପକ୍ଷରେ ହୋଇଥିଲା। ଏହି ପରାଜୟ ସହିତ ଦଳ ଟୁର୍ଣ୍ଣାମେଣ୍ଟରୁ ବାହାର ହୋଇଥିଲା। ତେବେ ଦଳର ଶେଷ ଗ୍ରୁପ୍ ମ୍ୟାଚ୍ ପୂର୍ବରୁ, ବଟଲର ଅଧିନାୟକ ପଦ ଛାଡ଼ିବାକୁ ଘୋଷଣା କରିଛନ୍ତି।

ଇଂଲଣ୍ଡ ଅଧିନାୟକ ବଟଲର ଶୁକ୍ରବାର ଚାମ୍ପିଅନ୍ସ ଟ୍ରଫିର ଗ୍ରୁପ୍ ପର୍ଯ୍ୟାୟ ଶେଷ ହେବା ପୂର୍ବରୁ ଏକ ଖବରଦାତା ସମ୍ମିଳନୀରେ ତାଙ୍କର ନିଷ୍ପତ୍ତି ନେଇ ଘୋଷଣା କରିଥିଲେ। ବଟଲରଙ୍କ ଏହି ନିଷ୍ପତ୍ତି ଦଳର ଶେଷ ମ୍ୟାଚ୍‌ର ମାତ୍ର ଗୋଟିଏ ଦିନ ପୂର୍ବରୁ ଆସିଛି। ଟୁର୍ଣ୍ଣାମେଣ୍ଟରୁ ପୂର୍ବରୁ ବାଦ ପଡ଼ିଥିବା ଇଂଲଣ୍ଡ ଦଳ ତା'ର ଶେଷ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ତଥାପି ଏହି ମ୍ୟାଚ୍‌ରେ ବଟଲର ଶେଷ ଥର ପାଇଁ ଇଂଲଣ୍ଡର ନେତୃତ୍ୱ ନେବେ। ବଟଲର ୨୦୨୨ ମସିହାରେ ଇଂଲଣ୍ଡ କ୍ରିକେଟ ଦଳର ନେତୃତ୍ୱ ନେଇଥିଲେ। ତେବେ ବଟଲର ସ୍ପଷ୍ଟ କରିଛନ୍ତି ଯେ ପ୍ରଶିକ୍ଷକ ମ୍ୟାକ୍‌କୁଲମ୍ ତାଙ୍କୁ ଚୟନ କରିବାକୁ ଚାହିଁଲେ, ସେ ଉଭୟ ଫର୍ମାଟରେ ଚୟନ



ପାଇଁ ଉପଲବ୍ଧ ରହିବେ।

ଖବରଦାତା ସମ୍ମିଳନୀରେ ବଟଲର କହିଛନ୍ତି ଯେ ଏହି ନିଷ୍ପତ୍ତି ଦଳ ପାଇଁ ଏବଂ ତାଙ୍କ ନିଜସ୍ୱ ମଙ୍ଗଳ ପାଇଁ ଭଲ । ନୂତନ ଅଧିନାୟକ ଭବିଷ୍ୟତରେ ପ୍ରଶିକ୍ଷକ ବ୍ରେଣ୍ଡନ ମ୍ୟାକକୁଲମ୍‌ଙ୍କ ସହ ମିଶି ଦଳକୁ ଆଗକୁ ନେବେ। ବଟଲର ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ ତାଙ୍କ ଅଧିନାୟକତ୍ୱ ଭବିଷ୍ୟତ ଏହି ଟୁର୍ଣ୍ଣାମେଣ୍ଟର ଫଳାଫଳ ଉପରେ ନିର୍ଭର କରୁଥିଲା। ସେ ପ୍ରଶିକ୍ଷକ ମ୍ୟାକକୁଲମଙ୍କ ସହାୟତାରେ ପରିସ୍ଥିତି ବଦଳିବ ବୋଲି ଆଶା କରୁଥିଲେ। କିନ୍ତୁ ତାହା ହୋଇପାରିଲା ନାହିଁ ଏବଂ ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ରାଉଣ୍ଡରେ ଭାରତ ବାଦ ପଡ଼ିବା ପରେ, ସେ ଅଧିନାୟକ ପଦ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି।

# ଚେତନାରେ ମାନସିକ ସ୍ୱାସ୍ଥ୍ୟ ଉପରେ ଡିପ୍ଲୋମା କୋର୍ସର ସମାବର୍ତ୍ତନ ଉତ୍ସବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଜୁଏଲସ ଇଣ୍ଟରନେସନାଲ ଚେତନା ଅନୁଷ୍ଠାନରେ ମାନସିକ ସ୍ୱାସ୍ଥ୍ୟ ଉପରେ ଡିପ୍ଲୋମା କୋର୍ସର ମାନପତ୍ର ପ୍ରଦାନ ପାଇଁ ସମାବର୍ତ୍ତନ ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମେ ଚେତନା ଅନୁଷ୍ଠାନର ଅନ୍ତେବାସୀ ମାନଙ୍କ ଦ୍ୱାରା ଅତିଥିମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ମାନସିକ ସ୍ତରରେ ଅସୁସ୍ଥ ଅନ୍ତେବାସୀ ଏବଂ ଚେତନାର କର୍ମଚାରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯଇ ଥିଲା। ମୁଖ୍ୟ ଅତିଥି ଏବଂ ଅନ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଚେତନା ସ୍ୱତନ୍ତ୍ର ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷ ଡଃ ବିନୟ ଭୂଷଣ ମହାପାତ୍ର ସ୍ୱାଗତ ଅଭିଭାଷଣ ରଖିଥିଲେ। ଡଃ ଶମ୍ଭୁ ରମେଶ ବରିଷ୍ଠ ସହଯୋଗୀ ବାଲମ୍ ଚେନାଇ ନିଜର ଅଭିଭାଷଣ ରଖିବାକୁ ଯାଇ କହିଥିଲେ ଯେ ଗ୍ରାମାଞ୍ଚଳରେ ଥିବା ସମସ୍ତ



ମାନସିକ ରୋଗୀଙ୍କୁ ଚିହ୍ନଟ କରି ଚିକିତ୍ସା ପ୍ରଦାନ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଆମ ଲକ୍ଷ୍ୟ। ଡଃ କେ.ଏସ୍. ରମେଶ ଶିକ୍ଷା ନିର୍ଦ୍ଦେଶକ ବାଲମ୍ ଚେନ୍ନାଇ ନିଜର ଅଭିଭାଷଣରେ କହିଥିଲେ ଯେ ନାଲାମ କର୍ମୀମାନେ ମାନସିକ ରୋଗୀମାନଙ୍କ ସାମାଜିକରଣର ମାଧ୍ୟମ ହେବେ। ଚେତନା ଅନୁଷ୍ଠାନର ସାଧାରଣ ସମ୍ପାଦକ ଡଃ ନାରାୟଣ ଚନ୍ଦ୍ର ପତି ଏବଂ ଉପସଭାପତି ଡ଼ଃ ବସନ୍ତ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ମୁଖ୍ୟ ଅତିଥି ଭାବେ ଚେନ୍ନାଇର ସାମାଜିକ ବିଜ୍ଞାନ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡଃ ରାଜା ସାମୁଏଲ ଯୋଗ ଦେଇଥିଲେ। ଅତିଥିମାନେ ଡିପ୍ଲୋମା ଯୋଗ୍ୟତା ହାସଲ କରିଥିବା ସମସ୍ତ ନାଲମ କର୍ମୀଙ୍କୁ ମାନପତ୍ର ପ୍ରଦାନ କରିବା ସହ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ ଏବଂ ସମସ୍ତ ନାଲମ କର୍ମୀମାନଙ୍କ ମଧ୍ୟରୁ ଶ୍ରେଷ୍ଠ ବ୍ୟକ୍ତିଙ୍କୁ ପୁରସ୍କାର ଦିଆଯାଇ ଥିଲା। ଅନ୍ତିମ ପ୍ରର୍ଯ୍ୟାୟରେ ମାନସିକ ଅନଗ୍ରସର ଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା। ପରିଶେଷରେ ଚେତନା ଅନୁଷ୍ଠାନର ମନୋବିଜ୍ଞାନ ବିଭାଗ ମୁଖ୍ୟ ଡଃ ବିଚିତ୍ରାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ଶେଷ କରିଥିଲେ।

# ଆମ୍ବେଦକରଙ୍କ ଚିନ୍ତାଧାରା କାର୍ଯ୍ୟକାରୀ ହେଉ : ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଚିନ୍ତାଧାରା ଉପରେ ସମସ୍ତେ ସଚେତନ ହେବା ଆବଶ୍ୟକ। ରାଜ୍ୟରେ ଆମ୍ବେଦକରଙ୍କ ଚିନ୍ତାଧାରା କାର୍ଯ୍ୟକାରୀ କରିବାକୁ ଆମ୍ବେଦକର ସମାଜ ସେବା ଆସୋସିଏସନ (ଆଶା) ଓଡ଼ିଶା ଶାଖା ପକ୍ଷରୁ ଆହ୍ୱାନ ଦିଆଯାଇଛି। ଶୁକ୍ରବାର ସ୍ଥାନୀୟ ରେଡ଼କ୍ରସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଆସୋସିଏସନର ମୁଖ୍ୟ ଉପଦେଷ୍ଟା ଭଜମନ ବେହେରା ଓ ସଭାପତି ମୁରଲୀଧର ଦାସ ଭାରତବର୍ଷରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଅସମାନତା ସମ୍ପର୍କରେ ମତ ରଖିଥିଲେ। ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ ସମ୍ବିଧାନର



ଶାସନ ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ। ରାଜନୈତିକ ନ୍ୟାୟ ନାଗରିକଙ୍କ ହାତରେ ରହିଛି। ତେବେ ଅସାଧୁ ଉପାୟରେ ଯେଉଁ ଭୋଟ ଆଦାୟ କରି ସରକାର ଗଠିତ ହେଉଛି ତାଙ୍କ ଦ୍ୱାରା ସାମାଜିକ ଓ ଆର୍ଥିକ ନ୍ୟାୟର କୌଣସି ସମ୍ଭାବନା ନାହିଁ। ସମଗ୍ର ଦେଶରେ ସାମାଜିକ ଓ ଆର୍ଥିକ ନ୍ୟାୟରୁ ଲୋକେ ବଞ୍ଚିତ ହେଉଛନ୍ତି। ଜନସାଧାରଣ ଏ ସମ୍ପର୍କରେ ସଚେତନ ହେବା ଦରକାର।

ଆମ୍ବେଦକରଙ୍କୁ ଭାରତବର୍ଷର ସମ୍ବିଧାନ ରଚନା ଦାୟିତ୍ୱ ମିଳିଥିବାରୁ ସମାଜ ସୁଧାର ପାଇଁ ତାଙ୍କର ସମସ୍ତ ଅନୁଭୂତି ସମ୍ପର୍କରେ ସେମାନେ ଉଲ୍ଲେଖ କରି ତାଙ୍କର ଚିନ୍ତାଧାରା କାର୍ଯ୍ୟକାରୀ କରାଯିବା ଦରକାର ବୋଲି କହିଥିଲେ। ସେମାନେ କହିଥିଲେ ଆମ ଦେଶର ସମସ୍ତ ଲୋକ ଭାରତୀୟ। ଏହି ଦେଶରେ ଲିଙ୍ଗ ଜାତିଭେଦ ଓ ଧର୍ମଭେଦ ରହିବ ନାହିଁ। ସମସ୍ତ ନାଗରିକଙ୍କୁ ଶାସନ ବ୍ୟବସ୍ଥା ଦେବା ପାଇଁ ଆମ୍ବେଦକର ମତ ଅଧିକାର ଦେଲେ। ଯେଉଁମାନେ ଶିକ୍ଷା ସାମାଜିକ ପ୍ରାନ୍ତର ଓ ପ୍ରତିନିଧି ବ୍ୟବସ୍ଥାରୁ ବଞ୍ଚିତ ଥିଲେ, ସେମାନଙ୍କୁ ତାଙ୍କ ଜନସଂଖ୍ୟା ଅନୁପାତରେ ଭାଗ ଦାବି କରାଇଲେ। ଯିଏ ଯେଉଁ ଧର୍ମ ପାଳନ କରୁଛି, ସେଥିରେ ହସ୍ତକ୍ଷେପ ନକରି ସୁରକ୍ଷା ଦିଆଯାଉଛି। ରାଜନୈତିକ ନ୍ୟାୟ ନାଗରିକଙ୍କ ହାତରେ, କାରଣ ଧନୀ ଏବଂ ଶିକ୍ଷିତ ଲୋକଙ୍କର ଯେପରି ଗରିବ ଓ ଅଶିକ୍ଷିତ ନାଗରିକଙ୍କର ଗୋଟିଏ ଭୋଟ, କିନ୍ତୁ ଏମାନଙ୍କର ବି ଗୋଟିଏ ଭୋଟ ବୋଲି ସେମାନେ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଆଶା ସଂଗଠନର ସାଧାରଣ ସମ୍ପାଦକ ମହେଶ ମିଶ୍ର, ଉପସଭାପତି ପ୍ରଭାତ କୁମାର ସ୍ୱାଇଁ, ତ୍ରିଲୋଚନ ରାଉତ ଓ ରବି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

